


ପୃଷ୍ଠା-୭


EXPRESSES THE TRUTH

# ଓଡ଼ିଶା ସଂଦେଶ

Weekly
ସାପ୍ତାହିକ

ପ୍ରକାଶ କରେ କେବଳ ସତ୍ୟ
/Odisha Sandesh
Website : www.odishasandesh.in
E-mail:odishasandesh.news@gmail.com

RNI NO : ODIODI/2006/19914

ODISHA SANDESH

ପ୍ରତିଷ୍ଠାତା: ୰ ହରେନ୍ଦ୍ର କିଶୋର ଦାସ





ପୃଷ୍ଠା-୬


● ବର୍ଷ- ୧୬ ● ସଂଖ୍ୟା-୩୪● ଭୁବନେଶ୍ୱର ● ମଇ ୦୯-୧୫,୨୦୨୨ ● ପୃଷ୍ଠା -୮● ମୂଲ୍ୟ- ୩.୦୦ ଟଙ୍କା ● Vol -16 ● Issue - 34● Bhubaneswar ● May 09-15, 2022 ● Page- 8 ● ₹ .3.00


## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଆର୍ବିଭାବ
୨୩/୦୯/୧୯୩୮



ତିରୋଧାନ
୦୪/୦୫/୨୦୨୨

### ୰ ହରେନ୍ଦ୍ର କିଶୋର ଦାସ

**ଶୋକସନ୍ତପ୍ତ:** ଦୁଇ ପୁଅ, ବୋହୂ, ନାତି, ନାତୁଣୀ,
ନାତୁଣୀ ଜ୍ୱାଇଁ, ପୁତୁରା, ପୁତୁରା ବୋହୂ, ଏବଂ
ସମସ୍ତ ପରିବାରବର୍ଗ ଓ ବନ୍ଧୁବାନ୍ଧବ

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।

ବାଙ୍କୀ ଏନ୍.ଏ.ସି ଅନ୍ତର୍ଗତ ରଣପୁର ଗ୍ରାମର ପୂର୍ବତନ କାଉନସିଲର ତଥା 'ଓଡ଼ିଶା ସଂଦେଶ'ର ପ୍ରତିଷ୍ଠାତା ଓ ମୁଖ୍ୟ ସମ୍ପାଦକ ହରେନ୍ଦ୍ର କିଶୋର ଦାସ ଗତ ୪ ତାରିଖରେ ତାଙ୍କ ବାସଭବନରେ ଇହଲୀଳା ସମ୍ବରଣ କରିଛନ୍ତି । ମୃତ୍ୟୁ ବେଳକୁ ତାଙ୍କୁ ୮୫ ବର୍ଷ ବୟସ ହୋଇଥିଲା । ସ୍ୱର୍ଗତ ଦାସ ବାଙ୍କୀ ଏନ୍.ଏ.ସି.ର ତିନି ଥର କାଉନସିଲର ଭାବେ ନିର୍ବାଚିତ ହୋଇଥିଲେ । ସେ ମଧ୍ୟ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ଜନତା ଥିଏଟରରେ ବିଭିନ୍ନ କ୍ଲବ ତରଫରୁ ଅଭିନୟ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ । 'ଚାକିରି ଓ ମିଳନର ଶେଷ' ଶୀର୍ଷକ ନାଟକରେ ଅଭିନୟ କରି ସର୍ବତ୍ର ଚର୍ଚ୍ଚିତ ହୋଇଥିଲେ । ସ୍ୱର୍ଗତ ଦାସ ଏକାଧାରରେ ଜଣେ ସୁଲେଖକ, ପରୋପକାରୀ, ସମାଜସେବୀ, ନିର୍ଦ୍ଦେଶକ ଥିଲେ । ତାଙ୍କୁ ହରାଇ ବାଙ୍କୀ ଅଞ୍ଚଳ ଜଣେ ବିଶିଷ୍ଟ ବ୍ୟକ୍ତିଙ୍କୁ ହରାଇଲା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ତାଙ୍କ ମୃତ୍ୟୁ ଖବର ପାଇ କାଉନସିଲର ସନାତନ ବେହେରା, ଜାମିନୀକାନ୍ତ ମହାପାତ୍ର, ପ୍ରେସ୍‌କ୍ଲବ ଉପସଭାପତି ସମରେନ୍ଦ୍ର ମହାପାତ୍ର (ବୁଲୁ), ପୂର୍ବତନ ନଗରପାଳ ପ୍ରଭାତ ଚନ୍ଦ୍ର ରାଜ, ଗ୍ରାମବାସୀ ଏବଂ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ତାଙ୍କର ମୃତ୍ୟୁରେ କଳାକାର ଜଗତ ତଥା ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ମୃତ୍ୟୁ ବେଳକୁ ତାଙ୍କ ନିକଟରେ ଦୁଇ ପୁଅ, ବୋହୂ, ପୁତୁରା, ପୁତୁରା ବୋହୂ ,ଝିଅ, ଜ୍ୱାଇଁ, ନାତି, ନାତୁଣୀ, ନାତୁଣୀ ଜ୍ୱାଇଁ, ବନ୍ଧୁବାନ୍ଧବ, ପରିବାରବର୍ଗ ଏବଂ ସାଙ୍ଗସାଥୀ ପ୍ରମୁଖ ଉପସ୍ଥିତ ଥିଲେ ।

କାର୍ଯ୍ୟସୂଚୀ
ଦଶାହ: ତା ୧୩.୫.୨୨ (ଶୁକ୍ରବାର)
ଏକାଦଶାହ- ତା ୧୪.୫.୨୨(ଶନିବାର)




ପବିତ୍ର ଇଦ୍-ଉଲ୍-ଫିତର-୨୦୨୨
ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଇଦ୍-ଉଲ୍-ଫିତର ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଶାନ୍ତି-ମୈତ୍ରୀ-ହର୍ଷୋଲ୍ଲାସର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

ଗଣେଶୀ ଲାଲ
(ଗଣେଶୀ ଲାଲ)

DADLS-18
OIPR:15001/13/0035/2223

ଓଡ଼ିଶା ସରକାର



ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ଇଦ୍-ଉଲ୍-ଫିତର ପର୍ବ ଉପଲକ୍ଷେ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

DADLS-18
OIPR:15001/13/0035/2223



ବାର୍ତ୍ତା

ପବିତ୍ର ଇଦ୍-ଉଲ୍-ଫିତର ପର୍ବ ଅବସରରେ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିବା ସହ ସେମାନଙ୍କ ସୁଖ ଓ ସମୃଦ୍ଧି କାମନା କରୁଛି ।

ରଘୁନନ୍ଦନ ଦାସ
(ରଘୁନନ୍ଦନ ଦାସ)
ସୂଚନା ଓ ଲୋକସମ୍ପର୍କ, ଜଳସଂପଦ ମନ୍ତ୍ରୀ

DADLS-18
OIPR:15001/13/0035/2223


## ସହୀଦ ପରିବାରଙ୍କୁ ଅନୁକମ୍ପାମୂଳକ ସହାୟତା ରାଶି ଦଶ ଲକ୍ଷ ଟଙ୍କାକୁ ବୃଦ୍ଧି କଲେ ନବୀନ



ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ଯୁଦ୍ଧ ତଥା ଉଗ୍ରବାଦର ମୁକାବିଲା ସମୟରେ ବୀରଗତି ପ୍ରାପ୍ତ ହେଉଥିବା ସହୀଦ ଓଡ଼ିଆ ଯବାନ ମାନଙ୍କ ନିକଟତମ ଆତ୍ମୀୟଙ୍କ ନିମନ୍ତେ ସହାୟତା ରାଶି ପରିମାଣ କୁ ପାଞ୍ଚ ଲକ୍ଷ ଟଙ୍କା ରୁ ଦଶ ଲକ୍ଷ ଟଙ୍କାକୁ ବୃଦ୍ଧି ପୃଷ୍ଠା-୭ ଦେଖନ୍ତୁ

## ସମ୍ଭାବ୍ୟ ବାତ୍ୟା ପାଇଁ ସଜାଗ ରୁହ: ପ୍ରତାପ

ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ନଗର ଉନ୍ନୟନ ବିଭାଗ ଓ ପଞ୍ଚାୟତିରାଜ ବିଭାଗ ଆବଶ୍ୟକୀୟ ପ୍ରସ୍ତୁତ ରହିବାକୁ ପଞ୍ଚାୟତିରାଜ, ପାନୀୟଜଳ,ଆଇନ, ଗୃହନିର୍ମାଣ ଓ ନଗରଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ନିର୍ଦ୍ଦେଶ ଦେଇଛନ୍ତି । ମନ୍ତ୍ରୀ ଶ୍ରୀ ଜେନା ଦୁଇ ବିଭାଗର ପ୍ରସ୍ତୁତି ନେଇ ସମୀକ୍ଷା କରିଛନ୍ତି । ରାଜ୍ୟର ୨୦୯ଟି ବ୍ଲକ୍ ଏବଂ ୭୭ ଟି ପୌରାଚଂଳ ପ୍ରଭାବିତ ହେବାର ଆଶଙ୍କା ଥିବା ପ୍ରକାଶ । ସମସ୍ତ ପୌରାଞ୍ଚଳରେ ପୃଷ୍ଠା-୭ ଦେଖନ୍ତୁ



### ପରିବେଶ ପ୍ରଦୂଷଣ ପ୍ରତିରୋଧ ଓ ନିୟନ୍ତ୍ରଣ ସମ୍ପର୍କିତ ଗୃହକମିଟିର ପ୍ରଥମ ବୈଠକ

# ପରିବେଶ ପ୍ରଦୂଷଣ ରୋକିବା ପାଇଁ ମିଳିତ ସହଯୋଗ ଆବଶ୍ୟକ : ବାଚସ୍ପତି

ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଓଡିଶାର ପରିବେଶ ପ୍ରଦୂଷଣ ପ୍ରତିଷେଧ ଓ ନିୟନ୍ତ୍ରଣ ସମ୍ପର୍କିତ ଅନୁଧ୍ୟାନ ପାଇଁ ବାଚସ୍ପତି ଡଃ ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ପ୍ରଥମ ଗୃହ କମିଟି ବୈଠକ ବିଧାନସଭାର ୫୪ନଂ ପ୍ରକୋଷ୍ଠରେ ଗତ ୫ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ବାଚସ୍ପତି ଡଃ ପାତ୍ର କମିଟିର ଭବିଷ୍ୟତ ଯୋଜନା ଓ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋକପାତ କରିବା ସହିତ ପରିବେଶ ପ୍ରଦୂଷଣ ରୋକିବା ପାଇଁ ମିଳିତ ସହଯୋଗ ଆବଶ୍ୟକ ବୋଲି ପ୍ରକାଶ କରିଛନ୍ତି। କମିଟିର ସଦସ୍ୟମାନେ ପରିବେଶ ପ୍ରଦୂଷଣ ପ୍ରତିଷେଧ ଓ ନିୟନ୍ତ୍ରଣ, ବର୍ଜ୍ୟବସ୍ତୁ ପରିଚାଳନା, ଶିଳ୍ପସଂସ୍ଥା ଦ୍ୱାରା ବିଭିନ୍ନ ଜଳାଶୟକୁ



ଛଡାଯାଉଥିବା ପ୍ରଦୂଷିତ ଜଳ, ବିଭିନ୍ନ ସହରାଚଂଳ ଓ ଗ୍ରାମାଚଂଳ ବିଶୁଦ୍ଧିକରଣ ଉପରେ ଆଲୋଚନା କରିଥିଲେ। କମିଟିମାନେ କୌଣସି ଜିଲ୍ଲାକୁ ଗସ୍ତ କରିବା ପୂର୍ବରୁ ସ୍ଥାନୀୟ ବିଧାୟକମାନଙ୍କୁ ଅବଗତ କରିବା ପରମ୍ପରାକୁ ଅବ୍ୟାହତ ରଖିବାକୁ ବାଚସ୍ପତି ଡଃ ପାତ୍ର ପରାମର୍ଶ ଦେଇଛନ୍ତି। ନୂତନ ସବକମିଟି ଗଠନ ହେଲା ପରେ ସଦସ୍ୟମାନେ ବିଭିନ୍ନ ଜିଲ୍ଲା ଗସ୍ତ କରି ପରିବେଶ ପ୍ରଦୂଷଣ ସମ୍ପର୍କିତ ରିପୋର୍ଟ ମୁଖ୍ୟ କମିଟିକୁ ବିଚାର ନିମନ୍ତେ ପ୍ରଦାନ କରିବେ ବୋଲି ବାଚସ୍ପତି ଡଃ ପାତ୍ର ପ୍ରକାଶ କରିଛନ୍ତି। ପରିବେଶ ପ୍ରଦୂଷଣ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବା ସହିତ ପରିବେଶ ପ୍ରଦୂଷଣକାରୀଙ୍କ ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ହିଁ ପରିବେଶ ଉପରେ ରୋକ ଲଗାଯାଇପାରିବ ବୋଲି ବରିଷ୍ଠ ବିଧାୟକ ଅମର ଶତପଥି ପ୍ରକାଶ କରିଛନ୍ତି। ଜିଲ୍ଲା ଅନୁଯାୟୀ କମିଟି କରାଗଲେ ଭଲ ହୁଅନ୍ତା ବୋଲି ଉପବାଚସ୍ପତି ରଜନୀକାନ୍ତ ସିଂହ ପ୍ରକାଶ କରିଛନ୍ତି। ଗୃହ ନିର୍ମାଣ ଓ ନଗର ଉନ୍ନୟନ, ପଂଚାୟତିରାଜ ଓ ପାନୀୟ ଜଳ, ଆଇନ ମନ୍ତ୍ରୀ ପ୍ରତାପ ଜେନା, ବରିଷ୍ଠ ବିଧାୟକ ନରସିଂହ ମିଶ୍ର, ବଦ୍ରି ନାରାୟଣ ପାତ୍ର, ପ୍ରଶାନ୍ତ ମୁଦୁଲି, ସୁଶାନ୍ତ ବେହେରା, ପ୍ରଣବ ବଳବନ୍ତରାୟ, ଡଃ ସି.ଏସ୍.ରାଜେନ ଏକ୍କା, ସୁବାସ ଚନ୍ଦ୍ର ବେହେରା, ମିନାକ୍ଷୀ ମହନ୍ତ, ପ୍ରକାଶ ସୋରେନ୍, ସରୋଜ କୁମାର ମେହେର, ଦାଶରଥି ଗମାଙ୍ଗୋ, ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା, ବିଧାନସଭା ସଚିବ ଦାଶରଥୀ ଶତପଥୀ, ନିର୍ଦ୍ଦେଶକ ପରିବେଶ ତଥା ସ୍ୱତନ୍ତ୍ର ଶାସନ ସଚିବ ସୁଶାନ୍ତ ନନ୍ଦ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବରିଷ୍ଠ ଯନ୍ତ୍ରୀ(ପରିବେଶ) ସିତିକାନ୍ତ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଆଠଗଡ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ମଇ ମାସ ଶେଷସୁଦ୍ଧା ସମ୍ପୂର୍ଣ୍ଣ ହେବ: ରଣେନ୍ଦ୍ର

ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଓଡିଶା ରାଜ୍ୟ ସଡକ ପରିବହନ ନିଗମ ଦ୍ୱାରା ଆଠଗଡ ବସଷ୍ଟାଣ୍ଡର ସମସ୍ତ ନିର୍ମାଣ କାର୍ଯ୍ୟ ମଇ ମାସ ଶେଷସୁଦ୍ଧା ସମ୍ପୂର୍ଣ୍ଣ ହେବ। ଗତ ୫ ତାରିଖ ଦିନ ଲୋକସେବା ଭବନଠାରେ ଯୋଜନା ଓ ସଂଯୋଜନା, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କ ଅଧ୍ୟକ୍ଷତାରେ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଉପସ୍ଥିତିରେ ଅନୁଷ୍ଠିତ ବୈଠକରେ ବସଷ୍ଟାଣ୍ଡର ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଠକରେ ଆଠଗଡ ବସଷ୍ଟାଣ୍ଡର ନିର୍ମାଣ କାର୍ଯ୍ୟ ଶେଷକରି ଏହାକୁ ଯଥାଶୀଘ୍ର ଯାତ୍ରୀମାନଙ୍କ ନିମନ୍ତେ ଲୋକାର୍ପିତ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ। ଆଠଗଡ ବସଷ୍ଟାଣ୍ଡର



ମୂଳ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ମଧ ବସଷ୍ଟାଣ୍ଡର ପାଚେରୀ, ଗେଟ୍, ସଂଯୋଗକାରୀ ରାସ୍ତା କାର୍ଯ୍ୟ ନିର୍ମାଣଧୀନ ରହିଛି। ବସଷ୍ଟାଣ୍ଡ କାର୍ଯ୍ୟାଳୟରେ ଆସବାବପତ୍ର, ଯାତ୍ରୀମାନଙ୍କ ବସିବା ସୁବିଧା, ଫ୍ୟାନ ଓ ଆନୁଷଙ୍ଗିକ ସୁବିଧାର ନିର୍ମାଣ କାର୍ଯ୍ୟ ମଇ ମାସ ସୁଦ୍ଧା ଶେଷ କରିବା ପାଇଁ ବୈଠକରେ ପରିବହନ ମନ୍ତ୍ରୀ ବିଭାଗୀୟ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରାୟ ୪ଗୋଟି ୯୮ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଉଥିବା ବସଷ୍ଟାଣ୍ଡ ନିମନ୍ତେ ବକେୟା ଥିବା ଅର୍ଥ ଓଡ଼ିଶା ରାଜ୍ୟ ସଡକ ପରିବହନ ନିଗମ ଦ୍ୱାରା ସପ୍ତାହକ ମଧ୍ୟରେ ପ୍ରଦାନ କରାଯିବ। ଏଥିସହିତ ବସଷ୍ଟାଣ୍ଡରେ ଅଗ୍ନିନିର୍ବାପକ ବ୍ୟବସ୍ଥା, ଆସବାବପତ୍ର, ସିସିଟିଭି ଏବଂ ଜେନେରେଟର ବ୍ୟବସ୍ଥା ପାଇଁ ଅତିରିକ୍ତ ଅର୍ଥ ଆବଂଟନ ନିମନ୍ତେ ରାସ୍ତା ଓ ଗୃହ ବିଭାଗର ଚାରବାଟିଆ ସର୍କଲର ଅଧୀକ୍ଷଣ ଯନ୍ତ୍ରୀଙ୍କ ଦ୍ୱାରା ସଂଶୋଧିତ ବ୍ୟୟ ଅଟକଳ ସପ୍ତାହକ ମଧ୍ୟରେ ବିଭାଗକୁ ପ୍ରଦାନ କରାଯିବ। ବୈଠକର ସୂଚନା ଅନୁଯାୟୀ ନବନିର୍ମିତ ବସଷ୍ଟାଣ୍ଡର ରକ୍ଷଣାବେକ୍ଷଣ, ଜଗୁଆଳି ବ୍ୟବସ୍ଥା ଏବଂ ଯାତ୍ରୀମାନଙ୍କ ନିମନ୍ତେ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ପ୍ରଦାନ ନିମନ୍ତେ ଓଡ଼ିଶା ରାଜ୍ୟ ପରିବହନ ନିଗମ ଏବଂ ଆଠଗଡ ବିଜ୍ଞାପିତ ଅଂଚଳ ପରିଷଦ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବ। ବୈଠକରେ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ, ଓଡ଼ିଶା ରାଜ୍ୟ ପରିବହନ ନିଗମର ଜେନେରୋଲ ମ୍ୟାନେଜର, ଆଡ୍‌ମିନିଷ୍ଟ୍ରେସନ୍ ବ୍ରଜଗୋପାଳ ଆଚାର୍ଯ୍ୟ, ଚାରବାଟିଆ ରାସ୍ତା ଓ ଗୃହ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ପ୍ରଦୀପ କୁମାର ମହାନ୍ତି, ଆଠଗଡ ଉପଜିଲ୍ଲାପାଳ ହେମନ୍ତ କୁମାର ସ୍ୱାଇଁଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ଜୟନ୍ତୀରେ ମହାନ୍ ବିପ୍ଳବୀ ଧରଣୀଧର ଭୂୟାଁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର ,(ସଂଦେଶ ବ୍ୟୁରୋ): ଜୟଦେବ ବିହାର ନିକଟସ୍ଥ ଇ.ଏସ୍.ଆଇ ହସ୍ପିଟାଲ ରାସ୍ତା ଛକ ସ୍ଥିତ ବିପ୍ଳବୀ ଧରଣୀଧର ଭୂୟାଁଙ୍କ ପ୍ରତିମୂର୍ତ୍ତିରେ ମନ୍ତ୍ରୀ ରଘୁନନ୍ଦନ ଦାସ ଓ ଅନ୍ୟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ଓ ଶ୍ରଦ୍ଧାଞ୍ଜଳି ।

କେନ୍ଦୁଝର ଜିଲ୍ଲା ଭୂୟାଁ ସମ୍ପ୍ରଦାୟର ଜନଜାତି ନେତା, ଅତ୍ୟାଚାରୀ ରାଜତନ୍ତ୍ର ଓ ଇଂରେଜ ଶାସନ ବିରୁଦ୍ଧରେ ଦୁଃସାହସିକ ସଂଗ୍ରାମ କରି ଓଡିଶା ଇତିହାସରେ ଅଲିଭା ସ୍ୱାକ୍ଷର ରଚିଥିବା ମହାନ୍ ବିପ୍ଳବୀ ଧରଣୀଧର ନାଏକ(ଭୂୟାଁ)ଙ୍କ ପବିତ୍ର ୧୫୮ ତମ ଜୟନ୍ତୀ ଉତ୍ସବ ରାଜ୍ୟସ୍ତରରେ ସୂଚ଼ନା ଓ ଲୋକସଂପର୍କ ବିଭାଗ, କେନ୍ଦୁଝର ସଂଘ ଏବଂ କେନ୍ଦୁଝର ବିକାଶ ପରିଷଦର ମିଳିତ ଆନୁକୂଲ୍ୟରେ ପାଳନ କରାଯାଇଥିବା ପରିପ୍ରେକ୍ଷୀରେ ଭୁବନେଶ୍ୱର, ଜୟଦେବ ବିହାର ନିକଟସ୍ଥ ଇ.ଏସ୍.ଆଇ ହସ୍ପିଟାଲ ରାସ୍ତା ଛକ ସ୍ଥିତ ମହାନ୍ ବିପ୍ଳବୀ ଧରଣୀଧର ଭୂୟାଁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ରାଜ୍ୟ ଜଳସଂପଦ, ସୂଚ଼ନା ଓ ଲୋକସଂପର୍କ ମନ୍ତ୍ରୀ ଶ୍ରୀ ରଘୁନନ୍ଦନ ଦାସ, ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଶ୍ରୀ ବଦ୍ରିନାରାୟଣ ପାତ୍ର, ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଶ୍ରୀ ପ୍ରଫୁଲ୍ଲ ସାମଲ ଅତିଥି ଭାବେ ଯୋଗଦାନ କରି ବିପ୍ଳବୀ ଧରଣୀଧର ଭୂୟାଁଙ୍କ ପ୍ରତି ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୂଚ଼ନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ଶ୍ରୀ ଇନ୍ଦ୍ରମଣି ତ୍ରିପାଠୀ, ନିର୍ଦ୍ଦେଶକ(ବୈଷୟିକ) ଶ୍ରୀ ସୁରେନ୍ଦ୍ରନାଥ ପରିଡା, ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀ ସନ୍ତୋଷ କୁମାର ଦାସ, ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ମାନସ ରଞ୍ଜନ ଖୁଣ୍ଟିଆ, ସହକାରୀ ନିର୍ଦ୍ଦେଶକ( କ୍ଷେତ୍ର) ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀଙ୍କସମେତ ବିଭାଗର ଅନ୍ୟ ପଦାଧିକାରୀ, ସ୍ଥାନୀୟ କର୍ପୋରେଟର ଜୟନ୍ତୀ ସାହୁ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅନୁସଚିବ ଶ୍ରୀ ଲକ୍ଷ୍ମୀଧର ବେହେରା, ପ୍ରଫେସର ହାଡିବନ୍ଧୁ ପଟ୍ଟନାୟକଙ୍କ ସମେତକେନ୍ଦୁଝର ସଂଘ ଏବଂ କେନ୍ଦୁଝର ବିକାଶ ପରିଷଦ, ଉତ୍କଳ ସମ୍ମିଳନୀ ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ସହରର ବହୁ ବୁଦ୍ଧିଜୀବୀ,ମାନ୍ୟଗଣ୍ୟ ବ୍ୟକ୍ତିଏହି ଅବସରରେ ଏଠାରେ ଉପସ୍ଥିତ ରହି ମହାନ୍ ବିପ୍ଳବୀ ଧରଣୀଧର ଭୂୟାଁଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।

# ରାଜ୍ୟରେ ୬୦ଲକ୍ଷ ମହିଳାଙ୍କ ସଶକ୍ତିକରଣ ପାଇଁ ଓଡିଶା ସରକାର ଏବଂ ୟୁଏନ୍‌ଏଫ୍‌ପିଏ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ




ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଓଡିଶାରେ ମହିଳାମାନଙ୍କର ପ୍ରଗତିକୁ ତ୍ୱରାନ୍ୱିତ କରିବା ତଥା ଲିଙ୍ଗଗତ, ଆର୍ଥିକ ଓ ସାମାଜିକ ଅସମାନତାକୁ ଦୂର କରିବା ଦିଗରେ ପଦକ୍ଷେପ ନେଇ ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗ ଏବଂ ମିଳିତ ଜାତିସଂଘ ଜନସଂଖ୍ୟା ପାଣ୍ଠି ଭାରତ (ୟୁଏନ୍‌ଏଫ୍‌ପିଏ) ଏକ ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି। 'ମିଶନ ଶକ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ମାଧ୍ୟମରେ ଓଡ଼ିଶାରେ ମହିଳାଙ୍କ ସାମାଜିକ ସଶକ୍ତିକରଣ" ଶୀର୍ଷକ ଏହି ପଦକ୍ଷେପ ଏକ ବିସ୍ତୃତ ଯୋଜନା ଏବଂ ସୁଦୃଢ ଭିତିଭୂମି ଦ୍ୱାରା ସମର୍ଥିତ। ଏହି ସ୍ୱତନ୍ତ୍ର ଯୋଜନା ମିଳିତ ଜାତିସଂଘର ୨୦୩୦ କାର୍ଯ୍ୟସୂଚୀ ଏବଂ ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସ୍‌ଡିଜି), ବିଶେଷକରି ଲକ୍ଷ୍ୟ-୩(ଉତମ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ) ଏବଂ ଲକ୍ଷ୍ୟ-୫ (ଲିଙ୍ଗଗତ ସମାନତା)କୁ ହାସଲ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଓଡ଼ିଶାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କ ସାମାଜିକ ଏବଂ ଅର୍ଥନୈତିକ ବିକାଶ ସହିତ ଡିଜିଟାଲ ଏବଂ ଆର୍ଥିକ ସ୍ୱାକ୍ଷରତାକୁ ପ୍ରୋତ୍ସାହିତ କରିବା ଏହି ତିନି ବର୍ଷିଆ ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ। ଡିଜିଟାଲ ସାକ୍ଷରତା ମହିଳାମାନଙ୍କୁ ଅଧିକ ସଂଯୋଜିତ, ସୂଚିତ ଏବଂ ବାହ୍ୟଜଗତ ସହିତ ଜଡିତ ଓ ଯୋଗାଯୋଗ ରକ୍ଷା କରିବାରେ ସାହାଯ୍ୟ କରିବ। ଏହି କାର୍ଯ୍ୟକ୍ରମ ମହିଳାମାନଙ୍କ ସାମାଜିକ ଏବଂ ଅର୍ଥନୈତିକ ବିକାଶ ପାଇଁ ନୂତନ ମାର୍ଗ ଖୋଜିବାରେ ସହାୟତା ଦେବା ସହ ଅନ୍‌ଲାଇନ୍‌ରେ ଉପଲବ୍ଧ ବିଭିନ୍ନ ସେବା ଏବଂ କଲ୍ୟାଣକାରୀ ଯୋଜନା ବିଷୟରେ ଅଧିକ ତଥ୍ୟ ଓ ସୂଚନା ପାଇବାରେ ସହାୟକ ହେବ। ଆର୍ଥିକ ସାକ୍ଷରତା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କୁ ସଠିକ୍ ଜ୍ଞାନ କୌଶଳର ବ୍ୟବହାର ମାଧ୍ୟମରେ ଟଙ୍କା ପଇସାର କୁଶଳ ପରିଚାଳନା କରିବାରେ ସାହାଯ୍ୟ କରିବ। ସ୍ୱୟଂ ସହାୟିକା ସଦସ୍ୟମାନଙ୍କର ଆର୍ଥିକ ପରିଚାଳନା ଯଥା ସଂଚୟ ଓ ନିବେଶ ଭଳି କ୍ଷମତା ବୃଦ୍ଧିରେ ସହାୟତା ପ୍ରଦାନ କରିବ।

# ୧୧ ଗୋଟି ଜିଲ୍ଲାରେ ନିଆଯାଇଥିବା ପ୍ରକଳ୍ପର ସମୀକ୍ଷା କଲେ ଅଧ୍ୟକ୍ଷ




### ପଶ୍ଚିମ ଓଡିଶା ବିକାଶ ପରିଷଦର ୫୯ତମ ବୈଠକ

ଭୁବନେଶ୍ୱର ,(ସଂଦେଶ ବ୍ୟୁରୋ)::ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ ଅସିତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ପରିଷଦର ୫୯ତମ ବୈଠକ ଅନୁଷ୍ଠିତ ଅନୁଷ୍ଠିତ ହୋଇଯାଇଛି । ଆଲୋଚ଼ନା ପାଇଁ କାର୍ଯ୍ୟସୂଚ଼ୀ ଅନୁଯାୟୀ ବୈଠକ ଆରମ୍ଭ ହେବା ପୂର୍ବରୁ ଉପସ୍ଥିତ ସମସ୍ତ ସଦସ୍ୟମାନେ ସ୍ୱର୍ଗତ ମାନ୍ୟବର ସଦସ୍ୟ କିଶୋର କୁମାର ମହାନ୍ତିଙ୍କ ଦୁଖଦ ତଥା ଅକାଳ ବିୟୋଗରେ ସମବେଦନା ଜଣାଇଥିଲେ। ଉପସ୍ଥିତ ଥିବା ମାନ୍ୟବର ସାଂସଦ, ବିଧାୟକ ତଥା ପଶ୍ଚିମ ଓଡିଶା ବିକାଶ ପରିଷଦର ସଭ୍ୟ ଏବଂ ଉଭୟ ଉତ୍ତରାଞ୍ଚଳ ଓ ଦକ୍ଷିଣାଞ୍ଚଳର ଆରଡିସି ପଶ୍ଚିମ ଓଡ଼ିଶାର ୧୧ ଗୋଟି ଜିଲ୍ଲାରେ ନିଆଯାଇଥିବା ପ୍ରକଳ୍ପର ସମୀକ୍ଷା କରିଥିଲେ। ପରିଷଦ ଏହାର କାର୍ଯ୍ୟ ପ୍ରକ୍ରିୟାକୁ ଅଧିକ ପ୍ରଭାବଶାଳୀ କରୁଥିବାରୁ ପଶ୍ଚିମ ଓଡିଶା ବିକାଶ ପରିଷଦର ସଦସ୍ୟମାନେ ପ୍ରଶଂସା କରିଥିଲେ ।

ପରିଷଦ ପ୍ରକଳ୍ପ କାର୍ଯ୍ୟକାରିତା ପାଇଁ ପ୍ରସ୍ତୁତ ମାର୍ଗଦର୍ଶିକା ଏବଂ ପ୍ରତିସ୍ଥାପନ ପ୍ରସ୍ତାବ ପାଇଁ ପ୍ରସ୍ତୁତ ଏସ୍‌ଓପିକୁ ପ୍ରଶଂସା କରିଛନ୍ତି , ଯାହାଫଳରେ କାର୍ଯ୍ୟନିର୍ବାହୀ ସଂସ୍ଥାଗୁଡ଼ିକ ଦ୍ୱାରା ସମାନ ଢଙ୍ଗରେ କାର୍ଯ୍ୟର କାର୍ଯ୍ୟକାରିତାରେ ଏକ ପରିବର୍ତ୍ତନ ଆସିଅଛି । ପ୍ରଶାସନିକ ଅନୁମୋଦନ, ଆର୍ଥିକ ମଞ୍ଜୁରୀ ଏବଂ ସମୟାନୁସାରେ ପାଣ୍ଠି ଛାଡ଼ିବା ଦ୍ୱାରା ପ୍ରକଳ୍ପ ପ୍ରସ୍ତାବଗୁଡ଼ିକର ଯାଞ୍ଚ ପ୍ରକ୍ରିୟା ବ୍ୟବସ୍ଥିତ ହୋଇଛି ।

ପ୍ରତ୍ୟେକ ଜିଲ୍ଲା ମୁଖ୍ୟାଳୟ ତଥା ଗୁରୁତ୍ୱପୂର୍ଣ୍ଣ ସହରଗୁଡିକରେ ଆଧୁନିକ ଅଡିଟୋରିୟମ୍ ପରି ବଡ ଏବଂ ଆଇକନିକ୍ ପ୍ରକଳ୍ପ ନିମନ୍ତେ ପଦକ୍ଷେପ ଗ୍ରହଣ କରିଥିବା ହେତୁ ଡବ୍ଲୁଓଡିସିର ପ୍ରୟାସକୁ ପରିଷଦ ପ୍ରଶଂସା କରିଛି । ଜଟିଳ ପ୍ରକଳ୍ପଗୁଡିକୁ ପ୍ରାୟୋଜିତ କରିବାକୁ ଜିଲ୍ଲା ପ୍ରଶାସନକୁ ଉତ୍ସାହିତ କରାଯାଇଛି ଯାହାକି କୌଣସି ରାଜ୍ୟ କିମ୍ବା କେନ୍ଦ୍ରୀୟ ଯୋଜନା ଅଧୀନରେ ଆସୁନାହିଁ । ଡବ୍ଲୁଓଡିସି ଜିଲ୍ଲା ପ୍ରଶାସନ ଦ୍ୱାରା ପ୍ରାୟୋଜିତ ଅଣପାରମ୍ପରିକ ପ୍ରକଳ୍ପଗୁଡିକୁ ପ୍ରାୟୋଜିତ କରିବାରେ ସଫଳ ହୋଇଛି । ଶୀଘ୍ର ନିଷ୍ପତ୍ତି ନେବାକୁ ତଥା ସ୍ୱଚ୍ଛତା ହାସଲ କରିବାକୁ ନଥିଗୁଡିକର ପ୍ରକ୍ରିୟାକରଣ ପାଇଁ ରାଜ୍ୟ ସରକାରଙ୍କ ଓଡିଶା ରାଜ୍ୟ ୱାର୍କଫ୍ଲୋ ଅଟୋମେସନ୍ ସିଷ୍ଟମ୍ (ଓସୱାସ) କାର୍ଯ୍ୟକାରୀ କରାଯାଇଛି । ପରିଷଦ ଅଞ୍ଚଳରେ କାର୍ଯ୍ୟରତ ସଂପୃକ୍ତ ୧୧ ଜଣ ଉପନିର୍ଦ୍ଦେଶକ, ପଶ୍ଚିମ ଓଡିଶା ବିକାଶ ପରିଷଦ ଜିଲ୍ଲା କାର୍ଯ୍ୟାଳୟ ଗୁଡକର ଭାରପ୍ରାପ୍ତ ଅଧିକାରୀ ଭାବରେ କାର୍ଯ୍ୟ କରୁଛନ୍ତି ।

# କୋଭିଡ୍ ଆୟୋଗ ଗଠନ କରନ୍ତୁ କେନ୍ଦ୍ର ସରକାର: ଯୁବ କଂଗ୍ରେସ

ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ମହାମାରୀ କୋଭିଡରେ ସାରା ବିଶ୍ୱ ପ୍ରଭାବିତ ହୋଇଥିବା ବେଳେ ଆମ ଦେଶ ମଧ ବ୍ୟାପକ ମାତ୍ରାରେ କ୍ଷତିଗ୍ରସ୍ତ ହୋଇଛି। ବହୁ ସଂଖ୍ୟାରେ ଲୋକଙ୍କ ଜୀବନ ଯାଇଥିବା ବେଳେ ଅନେକ ପରିବାର ନିଶ୍ଚିହ୍ନ ହୋଇଯାଇଛି। କୋଭିଡ କାଳରେ ବ୍ୟାପକ ଅବ୍ୟବସ୍ଥା ଯୋଗୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହୋଇଛନ୍ତି। ସ୍ୱାସ୍ଥ୍ୟ କେନ୍ଦ୍ରରେ ଅମ୍ଳଜାନ ଓ ବେଡ୍‌ର ଅଭାବ ଯୋଗୁ ଅକାଳରେ ଅନେକ ଜୀବନ ଯାଇଛି। ମାତ୍ର ମୋଦି ସରକାର ଏ ସବୁ ଅବ୍ୟବସ୍ଥା ଓ କୋଭିଡ୍ ମୃତ୍ୟୁ ସଂଖ୍ୟା ଲୁଚାଇ ବାହା ବାହା ନେବାକୁ ହୀନ ପ୍ରୟାସ କରିଛନ୍ତି।ଯାହାକି ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ସ୍ପଷ୍ଟ ହୋଇଛି। ମୋଦି ସରକାର ଆମ ଦେଶରେ କୋଭିଡ ଜନିତ ମୃତ୍ୟୁ ସଂଖ୍ୟା ୪.୮ ଲକ୍ଷ ଦର୍ଶାଇଥିବା ବେଳେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହା ୪୭ ଲକ୍ଷ ବୋଲି କହିଛି। ଯାହାକି ମୋଦି ସରକାରଙ୍କ ଅପାରଗତାକୁ ପଦାରେ ପକାଇ ଦେଇଛି ବୋଲି ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତି ରଞ୍ଜନ ଲେଙ୍କା କହିଛନ୍ତି। ନିକଟରେଏକ ପ୍ରେସ୍ ବିଜ୍ଞପ୍ତିରେ ଡ. ଲେଙ୍କା



କୋଭିଡ୍ ପରିଚାଳନା କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ଅପାରଗତା ସମ୍ପର୍କରେ କହିବା ସହ ପ୍ରକୃତ କୋଭିଡ୍ ମୃତ୍ୟୁ ସଂଖ୍ୟାକୁ ସାମ୍ନାକୁ ଆଣିବା ନିମନ୍ତେ ସରକାର ସର୍ବଦଳୀୟ ନେତାଙ୍କୁ ନେଇ ଏକ କୋଭିଡ୍ ଆୟୋଗ ଗଠନ କରିବାକୁ ଦାବି କରିଛନ୍ତି। ଏଥିସହ ମୃତକଙ୍କ ପରିବାରକୁ ୪ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବାକୁ ଦାବି ରଖିଛନ୍ତି। ସେ ଆହୁରି ମଧ କହିଛନ୍ତି ଯେ କୋଭିଡ ସମୟରେ କୁଢ଼ କୁଢ଼ ମୃତ ଦେହ ଗଙ୍ଗା ନଦୀରେ ଭାସୁଥିବା ଦେଖିବାକୁ ମିଳିଥିଲା। ଲୋକେ ଅକ୍ସିଜେନ୍ ପାଇଁ ଡହଳ ବିକଳ ହେଉଥିଲେ। ଏହି ସମୟରେ ଯୁବ କଂଗ୍ରେସ ତା'ର ଯୁବ ସାଥିମାନଙ୍କୁ ନେଇ କୋଭିଡ୍ ଆକ୍ରାନ୍ତଙ୍କୁ ପାରୁ ପର୍ଯ୍ୟନ୍ତ ସହାୟତା କରିବା ପାଇଁ ଉଦ୍ୟମ କରିଥିଲା। ବିଶେଷ କରି ରାଜଧାନୀ ଦିଲ୍ଲୀରେ ଯେତେବେଳେ ସଙ୍କଟ ଜନକ ପରିସ୍ଥିତି ଉପୁଜିଥିଲା, ସେତେବେଳେ ସରକାର ହାତ ଟେକି ଦେଇଥିଲେ। ମାତ୍ର ଯୁବ କଂଗ୍ରେସ ରାଷ୍ଟ୍ରୀୟ ସଭାପତି ଶ୍ରୀନିବାସ ବିଭିଙ୍କ ନେତୃତ୍ୱରେ ସେତେବେଳେ ଯୁବ ସାଥିମାନେ ରୋଗୀଙ୍କୁ ଅକ୍ସିଜେନ୍ ଯୋଗାଣ ସହ ବିଭିନ୍ନ ସହାୟତା କରିଥିଲେ। ତାଙ୍କ ନେତୃତ୍ୱରେ ଦେଶ ଓ ଦେଶ ବାହାରର ବହୁ ସ୍ୱେଚ୍ଛାସେବୀ ସଂଗଠନ କୋଭିଡ୍ ବିରୋଧି ଲଢ଼େଇରେ ସାମିଲ ହୋଇଥିଲେ।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଲେ ଇଣ୍ଡୋନେସିଆର ରାଷ୍ଟ୍ରଦୂତ ଏଚ୍.ଇ. ଇନା ହାଗିନ୍‌ଟାସ୍ କ୍ରିଷ୍ଣାମୂର୍ତ୍ତି

## ରବିଋତୁ ଧାନ କିଣା ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ

# ୨୪ ରୁ ୪୮ ଘଣ୍ଟା ମଧ୍ୟରେ ଦେୟ ପୈଠ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ୨୦୨୧-୨୨ ରବି ଋତୁରେ ଚାଷୀମାନଙ୍କଠାରୁ ଧାନ କିଣିବା ନିମନ୍ତେ ପ୍ରଶାସନିକ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି । ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଧାନ ସଂଗ୍ରହ ବୈଠକର ଆଲୋଚନାରୁ ଏହା ଜଣାପଡିଛି । ରାଜ୍ୟ ଲୋକସେବା ଭବନରୁ ଡ଼ିଜିଟାଲ୍ ମୋଡ୍‌ରେ ଅନୁଷ୍ଠିତ ଏହି ବୈଠକରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ପ୍ରମୁଖ ଶାସନ ସଚିବ ଶ୍ରୀ ବୀର ବିକ୍ରମ ଯାଦବ ବର୍ତ୍ତମାନ ପର୍ଯ୍ୟନ୍ତ କରାଯାଇଥିବା ପ୍ରଶାସନିକ ଓ ବୈଷୟିକ ପ୍ରସ୍ତୁତି ବିଷୟ ଆଲୋଚନା ପାଇଁ ଉପସ୍ଥାପନ କରିଥିଲେ ।



ସାଟେଲାଇଟ୍ ଚିତ୍ର ଏବଂ କ୍ଷେତ୍ରସ୍ତରୀୟ ସତ୍ୟାପନ ମାଧ୍ୟମରେ ଯୋଗ୍ୟ ବିବେଚିତ ସମସ୍ତ ଚାଷୀଙ୍କଠାରୁ ଧାନ କିଣିବାକୁ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ସମଗ୍ର ପ୍ରକ୍ରିୟାକୁ ଚାଷୀମାନଙ୍କ ନିମନ୍ତେ ସରଳ ଓ ସୁଗମ କରିବା ସହ ଧାନ କିଣାର ୨୪ ରୁ ୪୮ ଘଣ୍ଟା ମଧ୍ୟରେ ଦେୟ ପୈଠ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଚଳିତ ରବିଋତୁରେ ଅଧିକ ସଂଖ୍ୟକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ମାଧ୍ୟମରେ ଧାନ ସଂଗ୍ରହ କରିବାକୁ ମଧ୍ୟ ମୁଖ୍ୟ ଶାସନ ସଚିବ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଧାନ ସଂଗ୍ରହ ଓ ଦେୟ ପୈଠ ପାଇଁ ଯଥାକ୍ରମେ ପି-ପାସ୍ ଏବଂ ଆଇ.ଏଫ୍.ଏମ୍.ଏସ୍. ଅନ୍‌ଲାଇନ୍ ବ୍ୟବସ୍ଥା ଗ୍ରହଣ କରିବାକୁ ମଧ୍ୟ ଶ୍ରୀ ମହାପାତ୍ର କହିଥିଲେ ଚଳିତ ବର୍ଷ ରବିଋତୁରେ ୧୪ ଲକ୍ଷ ମାଟ୍ରିକ୍ ଟନ୍ ଧାନ ସଂଗ୍ରହ କରିବାକୁ ବୈଠକରେ ସ୍ଥିର ହୋଇଥିଲା । ମେ ୧ ତାରିଖ ଠାରୁ ଜୁନ୍ ୩୦ ତାରିଖ ମଧ୍ୟରେ ଧାନ ସଂଗ୍ରହ କରାଯିବ । ତେବେ ପ୍ରତି ଜିଲ୍ଲା ପାଇଁ ପ୍ରଯୁଜ୍ୟ ଧାନ ସଂଗ୍ରହ ଦିନ ସଂପୃକ୍ତ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ ବୈଠକରେ ସ୍ଥିର କରାହେବ । ଇତି ମଧ୍ୟରେ ସମସ୍ତ ଜିଲ୍ଲାର ବୈଠକ ଅନୁଷ୍ଠିତ ହୋଇ ଦିନ ଧାର୍ଯ୍ୟ କରାଯାଇଛି । ସର୍ବ ପ୍ରଥମେ ମେ ୧୩ ତାରିଖ ଦିନ ସମ୍ବଲପୁର ଜିଲ୍ଲାରେ ଧାନ କିଣା ଆରମ୍ଭ ହେବ ବୋଲି ପ୍ରାପ୍ତ ସୂଚନାରୁ ଜଣାପଡିଥିଲା । ରବି ଧାନର କ୍ୱିଣ୍ଟାଲ୍ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ୧୯୪୦ ଟଙ୍କାରେ ଧାର୍ଯ୍ୟ କରାଯାଇଥିଲା । ମୁଖ୍ୟତଃ ୧୭ ଟି ଜିଲ୍ଲାର ଜଳସେଚିତ ଅଂଚଳର କୃଷକମାନଙ୍କ ଠାରୁ ଜଳସେଚନ ତଥ୍ୟାନୁଯାୟୀ ଏକର ପିଛା ୨୪ ରୁ ୨୬ କ୍ୱିଣ୍ଟାଲ୍ ଧାନ ସଂଗ୍ରହ କରାଯିବ । ପ୍ରମୁଖ ଶାସନ ସଚିବ ଶ୍ରୀ ଯାଦବ ଜଣାଇଥିଲେ ଯେ ଚଳିତ ରବିଋତୁରେ ଧାନ ବିକ୍ରୀ ପାଇଁ ୨.୫୮ ଲକ୍ଷ ଚାଷୀ୭.୬୨ ଲକ୍ଷ ଏକର ଜମି ପଂଜୀକରଣ କରିଛନ୍ତି । ଗତ ୨୦୨୦-୨୧ ବର୍ଷରେ ସମୁଦାୟ ୨.୩୩ ଲକ୍ଷ ଚାଷୀ ନିଜର ୭.୬୦ ଲକ୍ଷ ଏକର ଜମି ରବି ଧାନ ବିକ୍ରୀ ନିମନ୍ତେ ପଂଜୀକରଣ କରିଥିଲେ । ଚଳିତ ବର୍ଷ ଅଧିକ ସଂଖ୍ୟକ କ୍ଷୁଦ୍ର ଓ ନାମକୁ ମାତ୍ର ଚାଷୀ ପଞ୍ଜୀକୃତ କରିଛନ୍ତି । ୨୦୨୦-୨୧ ବର୍ଷରେ ୪.୫୧ ଲକ୍ଷ ନାମକୁ ମାତ୍ର ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ ଚଳିତ ବର୍ଷ ଏହା ୬.୨୨ ଲକ୍ଷକୁ ବୃଦ୍ଧି ପାଇଛି ।

# ଆର୍ଥିକ ନିଅଣ୍ଟିଆ ସ୍ଥିତିରୁ ଆମ ରାଜ୍ୟ ବର୍ତ୍ତମାନ ଏକ ଦ୍ରୁତ ବିକାଶଶୀଳ ରାଜ୍ୟରେ ପରିଣତ ହୋଇଛି : ମୁଖ୍ୟ ଶାସନ ସଚିବ



## ଅର୍ଥ ବିଭାଗ ସାଂସ୍କୃତିକ ସଂଘ ବାର୍ଷିକ ଉତ୍ସବ ଉଦ୍‌ଘାଟନ

ଭୁବନେଶ୍ୱର,(ସଂଦେଶ ବ୍ୟୁରୋ) ଅର୍ଥ ବିଭାଗ ସାଂସ୍କୃତିକ ସଂଘର ୨ ଦିନିଆ ୫୬ତମ ବାର୍ଷିକ ଉତ୍ସବକୁ ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର ସ୍ଥାନୀୟ ରବିନ୍ଦ୍ର ମଣ୍ଡପ ପରିସରରେ ଉଦ୍ଘାଟନ କରିଛନ୍ତି । ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ବିଶାଳ କୁମାର ଦେବ ଏବଂ ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ନିଧି କୁମାର ରାଉତରାୟଙ୍କ ଉପସ୍ଥିତିରେ ମୁଖ୍ୟ ଶାସନ ସଚିବ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବର ଶୁଭାରମ୍ଭ କରିଥିଲେ ।

ନିଜର ଉଦ୍ଘାଟନୀ ଅଭିଭାଷଣରେ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର କହିଥିଲେ ଯେ ଆର୍ଥିକ ନିଅଣ୍ଟିଆ ସ୍ଥିତିରୁ ଆମ ରାଜ୍ୟ ବର୍ତ୍ତମାନ ଏକ ଦୃତ ବିକାଶଶୀଳ ରାଜ୍ୟରେ ପରିଣତ ହୋଇଛି । ଏହି ପ୍ରକ୍ରିୟା ମଧ୍ୟରେ ପ୍ରଗତିଶୀଳ ଆର୍ଥିକ ସଂସ୍କାର ଏବଂ ଉତ୍ତମ ଆର୍ଥିକ ପରିଚାଳନା ଅବଦାନ ଅନେକ । ଏ ସବୁର ସଠିକ୍ କାର୍ଯ୍ୟାନ୍ୱୟନ ନିମନ୍ତେ ଶ୍ରୀ ମହାପାତ୍ର ଅର୍ଥ ବିଭାଗରେ କାର୍ଯ୍ୟରତ ବିଭିନ୍ନ ବର୍ଗର ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ସାଧୁବାଦ ଜଣାଇଥିଲେ । ରାଜସ୍ୱ ସଂଗ୍ରହ, ଟ୍ରେଜରୀ ବ୍ୟବସ୍ଥା ସଂସ୍କାର, ଏଫ୍.ଆର୍.ବି.ଏମ୍. ଆଇନ୍ର ଅନୁପାଳନ, ସମନ୍ୱିତ ଆର୍ଥିକ ପରିଚାଳନା ବ୍ୟବସ୍ଥା ଆଦି କ୍ଷେତ୍ରରେ ଅର୍ଥ ବିଭାଗ ଅଧିକାରୀମାନଙ୍କ କାର୍ଯ୍ୟ ଦକ୍ଷତା ଯୋଗୁ ଓଡ଼ିଶା ଜାତୀୟ ସ୍ତରରେ ସ୍ୱୀକୃତି ଲାଭ କରିଛି ବୋଲି ଶ୍ରୀ ମହାପାତ୍ର କହିଥିଲେ । ରାଜ୍ୟର ବିକାଶକୁ ନୂତନ ଉଚ୍ଚତର ସ୍ତରକୁ ନେବା ନିମନ୍ତେ ନିଷ୍ପାପର ପ୍ରୟାସ ଜାରି ରଖିବାକୁ ମୁଖ୍ୟ ଶାସନ ସଚିବ ସମସ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ ।

ପ୍ରମୁଖ ଶାସନ ସଚିବ ଶ୍ରୀ ବିଶାଳ କୁମାର ଦେବ କହିଥିଲେ ଯେ ବର୍ତ୍ତମାନ ଆର୍ଥିକ ପରିଚାଳନା କ୍ଷେତ୍ରରେ ଓଡ଼ିଶା ଏକ ଆଗୁଆ ରାଜ୍ୟର ମାନ୍ୟତା ହାସଲ କରିଛି । ଆଗାମୀ ଦିନରେ ନିଜ ନିଜର କାର୍ଯ୍ୟକୁ ଅଧିକ ତ୍ୱରିତ ଏବଂ ଲକ୍ଷ୍ୟଭେଦୀ କରିବା ପାଇଁ ଅଧିକ ବୈଷୟିକ କୌଶଳ ପ୍ରୟୋଗ କରିବା ନିମନ୍ତେ ଶ୍ରୀ ଦେବ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ରାଉତରାୟ କର୍ମ ନିପୁଣତା ସହ ସୃଜନାତ୍ମକ ଏବଂ ସାମାଜିକ କାର୍ଯ୍ୟ ପାଇଁ ସଂଘର ସଦସ୍ୟମାନଙ୍କୁ ପ୍ରଶଂସା କରିଥିଲେ । ସାଂସ୍କୃତିକ ସଂଘର ସଭାପତି ଶ୍ରୀ ତରୁଣ ଚନ୍ଦ୍ର ପାଲ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉଦ୍ଘାଟନୀ ପର୍ଯ୍ୟାୟରେ ସଂପାଦକ ଶ୍ରୀ ଭକ୍ତରାମ ପଟ୍ଟନାୟକ ସଂଘର କାର୍ଯ୍ୟକଳାପ ସମ୍ବନ୍ଧିତ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ମୁଖ୍ୟ ଶାସନ ସଚିବ ପ୍ରବନ୍ଧ, ବକ୍ତୃତା ଓ ଗଳ୍ପ ରଚନା ଆଦି ସୃଜନାତ୍ମକ ପ୍ରତିଯୋଗିତାରେ ୧ମ, ୨ୟ ଏବଂ ୩ୟ ସ୍ଥାନ ଅଧିକାର କରିଥିବା ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ଦେଇ ଉତ୍ସାହିତ କରିଥିଲେ ।

# ଅଧିକରୁ ଅଧିକ ଲଘୁ ଖଣିଜ ସମ୍ପଦ ଉତ୍ସକୁ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦେଲେ ଅତିରିକ୍ତ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ଏପ୍ରିଲ ୨ ତାରିଖରୁ ପ୍ରତ୍ୟେକ ଜିଲ୍ଲାର ରାଜସ୍ୱ ସମୀକ୍ଷା ବୈଠକ ହେଉଛି ମେ ମାସ ୪ ତାରିଖ ମଧ୍ୟରେ ୧୬ଟି ଜିଲ୍ଲାର ରାଜସ୍ୱ ସମୀକ୍ଷା ବୈଠକ ସମାପ୍ତ ହୋଇଛି। ଗତ ଏକ ମାସ ମଧ୍ୟରେ ଦାଖଲ ଖାରଜ ମାମଲା ସମ୍ପୂର୍ଣ୍ଣ ହୋଇ ୩୦,୦୦୦ ପଟ୍ଟା ଲୋକମାନଙ୍କୁ ତହସିଲ ମାଧ୍ୟମରେ ବଂଟନ ହୋଇଛି । ସେହିପରି ୫,୦୦୦ ଘରବାଡ଼ି ପଟ୍ଟା ମଧ୍ୟ ଗତ ଏକ ମାସ ମଧ୍ୟରେ ବଣ୍ଟନ ହୋଇଛି। ସେହିପରି ଦାଖଲ ଖାରଜ ମାମଲା ଓଡ଼ିଶା ଲୋକସେବା ଅଧିନିୟମ ସମୟସୀମା ମଧ୍ୟରେ ସମାପ୍ତ ହୋଇ ଲୋକମାନଙ୍କୁ ପଟ୍ଟା ମିଳିପାରୁଛି। ସେହିପରି ଗତ ଏକ ମାସ ମଧ୍ୟରେ ୪,୫୦,୦୦୦ ଜାତିଗତ ଓ ବିବିଧ ପ୍ରମାଣପତ୍ର ଆବଂଟନ କରାଯାଇଛି।



ରାଜସ୍ୱ ବିଭାଗର ନିୟମିତ ସମୀକ୍ଷା ଫଳରେ ନର୍ବାଚନ ସତ୍ୱେ ଲଘୁ ଖଣିଜ ସଂପଦରୁ ୧୦୪୨ କୋଟି ରାଜସ୍ୱ ଆଦାୟ ହୋଇଛି । ସେହିପରି ବହୁ ଲଘୁ ଖଣିଜ ସମ୍ପଦ ଉତ୍ସର ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ପ୍ରାଧିକରଣ ତଥା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ରୁ ଅନୁମୋଦନ ତ୍ୱରାନ୍ୱିତ ହୋଇଛି । ଅତିରିକ୍ତ ମୁଖ୍ୟ ଶାସନ ସଚିବସତ୍ୟବ୍ରତ ସାହୁ ଅଧିକରୁ ଅଧିକ ଲଘୁ ଖଣିଜ ସମ୍ପଦ ଉତ୍ସକୁ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ସେହିପରି ରାଜ୍ୟର ବିଭିନ୍ନ ଜଳସେଚନ ପ୍ରକଳ୍ପ ଯଥା-ସୁବର୍ଣ୍ଣରେଖା, ଆନନ୍ଦପୁର ବ୍ୟାରେଜ, କାନପୁର, ଦେଓ, ରେଙ୍ଗାଲୀ ବାମ ଓ ଦକ୍ଷିଣ, ଲୋୟର ସୁକତେଲ, ଛେଳିଗଡ଼, ତେଲେଙ୍ଗିରି, ରେତ ଓ ହାତୁଆ ପ୍ରକଳ୍ପର ଜମି ଅଧିଗ୍ରହଣରେ ଉଲ୍ଲେଖନୀୟ ଅଗ୍ରଗତି ହୋଇପାରିଛି ।

# ଜନଜାତି ସ୍ୱାସ୍ଥ୍ୟ ପର୍ଯ୍ୟବେକ୍ଷଣ ସ୍ଥଳ ପ୍ରତିଷ୍ଠା ପାଇଁ ଆରଏମ୍‌ଆରସି ସହ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଓ ଆଞ୍ଚଳିକ ଭେଷଜ ଗବେଷଣା କେନ୍ଦ୍ର (ଆରଏମ୍‌ଆରସି, ଆଇସିଏମ୍‌ଆର) ମଧ୍ୟରେ ଓଡ଼ିଶାରେ ସର୍ବପ୍ରଥମ ଜନଜାତି ସ୍ୱାସ୍ଥ୍ୟ ପର୍ଯ୍ୟବେକ୍ଷଣ ସ୍ଥଳ (ଟ୍ରାଇଏଚ୍‌ଓବି) ପ୍ରତିଷ୍ଠା ନିମନ୍ତେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ବୁଝାମଣାପତ୍ର ସ୍ୱାକ୍ଷର ଅବସରରେ ମୁଖ୍ୟ ଅତିଥି ଭାବେ 'ମୋ ସ୍କୁଲ ଅଭିଯାନ'ର ଅଧ୍ୟକ୍ଷା ଶ୍ରୀମତୀ ସୁସ୍ମିତା ବାଗ୍‌ଚୀ ଯୋଗ ଦେଇଥିଲେ । ଶ୍ରୀମତୀ ବାଗ୍‌ଚୀଙ୍କ ଉପସ୍ଥିତିରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ଏବଂ ପଛୁଆବର୍ଗ କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ରଞ୍ଜନା ଚୋପ୍ରା ଏବଂ ଆରଏମ୍‌ଆରସି, ଆଇସିଏମ୍‌ଆର ନିର୍ଦ୍ଦେଶକ ଡକ୍ଟର ସଂଘମିତ୍ରା ପତିଙ୍କ ମଧ୍ୟରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା ।



ଓଡ଼ିଶାରେ ଜନଜାତିମାନଙ୍କର ସ୍ୱାସ୍ଥ୍ୟ ଉପରେ ଟ୍ରାହବ୍ ଏକ ଆଧାର ହୋଇପାରିବ । ଆଭାସୀ ମାଧ୍ୟମରେ ପ୍ରତିଷ୍ଠିତ ପ୍ରମାଣଭିତ୍ତିକ ଏହି ହବ୍ କ୍ରିୟାଶୀଳ ଓ ଫଳପ୍ରସୂ, ନୀତିକୈନ୍ଦ୍ରିକ ହେବ । ବର୍ତମାନ କାର୍ଯ୍ୟକାରୀ ହେଉଥିବା କାର୍ଯ୍ୟକ୍ଷମତା, ବିଭିନ୍ନ ରୋଗ ସଂପର୍କୀୟ ପର୍ଯ୍ୟବେକ୍ଷଣ, ସେମାନଙ୍କର ସ୍ୱାସ୍ଥ୍ୟ ସଂପର୍କିତ ବ୍ୟବହାର, ଓଡ଼ିଶାରେ ଜନଜାତି ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଏଥିରେ ଅନ୍ତର୍ଭୁକ୍ତ ହେବ । ଏହା ଓଡ଼ିଶାର ଜନଜାତି ପରିବାରରେ ସଚେତନତା ସୃଷ୍ଟି ସହିତ ପ୍ରତିଷେଧକ ବ୍ୟବସ୍ଥା ଆଣିପାରିବ । ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀମତୀ ବାଗ୍‌ଚୀ ଓଡ଼ିଶା ଜନଜାତି ପରିବାର ସ୍ୱାସ୍ଥ୍ୟ ସର୍ଭେର ଶୁଭାରମ୍ଭ କରିଥିଲେ । ଏହା ଦ୍ୱାରା ଆଦିବାସୀ ସଂପ୍ରଦାୟଙ୍କ ସ୍ୱାସ୍ଥ୍ୟ ଉପରେ ଏକ ବ୍ୟାପକ ସର୍ଭେ ହୋଇପାରିବ । ଏଥିରେ ଉଚ୍ଚମାନର ଜନ୍ମ, ମୃତ୍ୟୁ ରୋଗ ପ୍ରଭୃତିର ପରିସଂଖ୍ୟାନର ଅନୁଶୀଳନ ଓ ସ୍ୱାସ୍ଥ୍ୟ ସଂପର୍କିତ ସମସ୍ତ ତଥ୍ୟ ଗଚ୍ଛିତ ଓ ସଂରକ୍ଷିତ ତଥା ଉପଲବ୍ଧ ହୋଇପାରିବ । ଆଉ ମଧ୍ୟ ଏହି ଅବସରରେ ଭାରତରେ ସିକିଲ୍‌ସେଲ୍ ଆନେମିଆ ଉପରେ ପ୍ରମାଣଭିତ୍ତିକ ଗବେଷଣାତ୍ମକ ସଂକ୍ଷିପ୍ତ ବିବରଣ ଓ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଓ ଆରଏମ୍‌ଆରସି ଦ୍ୱାରା ହୋଇଥିବା ଓଡ଼ିଶା ଜନଜାତି ସେରୋସର୍ଭେ ରିପୋର୍ଟ ମଧ୍ୟ ଉନ୍ମୋଚିତ ହୋଇଥିଲା । ଏହି ସଂକ୍ଷିପ୍ତ ବିବରଣ ଭାରତରେ ସିକିଲ୍‌ସେଲ୍ ଉପରେ ଗବେଷକ, ନୀତି ନିର୍ଦ୍ଧାରକ ଓ ସ୍ୱାସ୍ଥ୍ୟସେବା ବିଶେଷଜ୍ଞମାନଙ୍କ ନିମନ୍ତେ ବେଶ୍ ଉପଯୋଗୀ । ସିକିଲ୍ ସେଲ୍ ଉପରେ ରାଜ୍ୟସ୍ତରୀୟ ପରାମର୍ଶ କର୍ମଶାଳାରେ ଏହି ରୋଗ ଉପରେ ମଧ୍ୟ ଏକ ବୌଦ୍ଧିକ ଆଲୋଚନା ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ନିର୍ଦ୍ଦେଶକ, ଏସ୍‌ଟି ତଥା ଓଟିଡିସିର ସିଇଓ ଶ୍ରୀମତୀ ଗୁହା ପୁନମ ତାପସ କୁମାର, ଏସ୍‌ସିଏସ୍‌ଟିଆରଟିଆଇର ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ସଚିବ ଡ. ଏ.ବି. ଓତା, ବିଭାଗୀୟ ସ୍ୱତନ୍ତ୍ର ସଚିବ ବିଶ୍ୱରଞ୍ଜନ ସାସମଲ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକ, କ୍ଲିନିକାଲ ହେମାଟୋଲୋଜି ବିଭାଗର ପ୍ରଫେସର ଓ ମୁଖ୍ୟ ଆଜିର ଏହି ଉତ୍ସବରେ ଯୋଗଦାନ କରିଥିଲେ ।

# ସମ୍ଭାବ୍ୟ ବାତ୍ୟାକୁ ନେଇ ବିଭିନ୍ନ ଅଞ୍ଚଳ ପରିଦର୍ଶନ କଲେ ମେୟର



କଟକ,(ସଂଦେଶ ବ୍ୟୁରୋ): ବାତ୍ୟା ଓ ବର୍ଷା କୁ ଆଖି ଆଗରେ ରଖି ଆଜି କଟକ ର ମାନ୍ୟବର ମେୟର ଶ୍ରୀ ସୁବାସ ସିଂହ ମାତୃଭବନ ପାଖରେ ଥିବା ଏମ ଏସ ଡବ୍ଲୁ -୧ ର ପଙ୍କ ଉଦ୍ଧାର କାର୍ଯ୍ୟ କୁ ତଦାରଖ କରିବା ପାଇଁ ସେଠାରେ ପହଞ୍ଚିଥିଲେ . । କଟକ ର ପାଣି ନିଷ୍କାସନ ର ମୁଖ୍ୟ ପଥ ମାତୃଭବନ ନିକଟରେ ମେୟର ନିଜେ ପହଂଚି ପାଣି ନିଷ୍କାସନ ର ମାଧ୍ୟମ କୁ ଯାଞ୍ଚ କରିଥିଲେ । ସେଠାରୁ ମେୟର ସମସ୍ତ ଅଧିକାରୀଙ୍କ ସହ ଯାଇ ବଜ୍ର କବାଟି ପୋଲ ଠାରୁ ଜାଇକା ଦ୍ୱାରା ନିର୍ମିତ ବକ୍ସ ଡ୍ରେନ ପାଖରେ ପହଂଚି ଜଳ ନିଷ୍କାସନ ର ମାଧ୍ୟମକୁ ତଦାରଖ କରିଥିଲେ ଏହାପରେ ତୁଳସୀପୁର ୮ନ ୱାର୍ଡ ଠାରେ ଥିବା ପମ୍ପ ହାଉସ କୁ ଯାଇ ନଦୀକୁ ଯାଉଥିବା ନିଷ୍କାସିତ ଠିକସେ ହେଉଛିକି ନାହିଁ ଦେଖିଥିଲେ ।

ଆଜିର କାର୍ଯ୍ୟକ୍ରମରେ ରେ ମେୟର ଙ୍କ ସାଥିରେ ସି ଏମ ସି କମିଶଇନର , ଡେପୁଟି କମିଶନେର ଜାଇକା ର ପ୍ରୋଜେକଟ ଡ଼ାଇରେକ୍ଟର , ସ୍ୱାସ୍ଥ୍ୟ ଅଧିକାରୀ ଡେପୁଟି ମେୟର ଦମୟନ୍ତୀ ମାଝୀ , କର୍ପୋରେଟର ଯତୀନ କୁମାର ବେହେରା ଓ ଗୋପାଳ ବେହେରା , ରଞ୍ଜନ ବିଶ୍ୱାଳ , କର୍ପୋରେଟର ଚନ୍ଦନ ଜେନା , ନାମିତ ବାରିକ , ବିକାଶ ବେହେରା , ଲିଝଙ୍କାରାଣୀ ରାଉତ , ଲକ୍ଷ୍ମୀପ୍ରିୟା ବେହେରା , ରାଜୀବ ମହାନ୍ତି , ଜଗନ୍ନାଥ ସ୍ୱାଇଁ , ଜଗନ୍ନାଥ ସାହୁ , କାଳିଚରଣ ପାଣିଗ୍ରାହୀ , ଜନ ଆଶିଷ ବରାଳ , ରମଜାନ ଖାଁ ସେକ ରିବାଜୁଲା , ପ୍ରଦୀପ ବାରିକ ଓ ପ୍ରାୟ ୫୦ ଜଣ ପଦାଧିକାରୀ , ଉପସ୍ଥିତ ଥିଲେ ।

# ବୟନିକାର ୬୬ତମ ପ୍ରତିଷ୍ଠା ଦିବସ ସମାରୋହ

ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଉତ୍କର୍ଷ କଳାର ଦେଶ, ଉତ୍କଳ, ଯାହା ଆଜି ଓଡ଼ିଶା ରାଜ୍ୟ ଭାବେ ବିଶ୍ୱବିଦିତ, ନିଜର କଳା, ସଂସ୍କୃତି ଓ ସ୍ଥାପତ୍ୟ ପାଇଁ। ଉତ୍କଳୀୟ କଳା ସଂସ୍କୃତି ପାଇଁ 'ହସ୍ତତନ୍ତ ବସ୍ତ୍ର' ଭୂମିକା ସ୍ୱତନ୍ତ୍ର। ଭାରତର ଐତିହ୍ୟ, ପରମ୍ପରା ଓ ସଂସ୍କୃତିର ସଂରକ୍ଷଣ କ୍ଷେତ୍ରରେ ଯୁଗଯୁଗରୁ ଓଡିଶା ହସ୍ତତନ୍ତ ବସ୍ତ୍ର, ବିଶେଷ ଭାବେ 'ବାନ୍ଧବସ୍ତ୍ର'ର ସ୍ୱତନ୍ତ୍ର ସ୍ଥାନ ରହିଆସିଛି। ଏହି ପ୍ରାଚୀନ କଳାକୁ ଉଜ୍ଜୀବିତ ରଖିଛନ୍ତି, ଏହାକୁ ବଂଶାନୁକ୍ରମେ ବୃତି ଭାବେ ଆଦରି ନେଇଥିବା ଓଡିଶାର ଅଗଣିତ ବୁଣାକର। ରାଜ୍ୟର କୋଣ ଅନୁକୋଣରେ ଏହି ହସ୍ତତନ୍ତ ବସ୍ତ୍ର ପ୍ରସ୍ତୁତ କରିଥିବା ଗ୍ରାମୀଣ କାରିଗର ଓ ସେମାନଙ୍କ ଦ୍ୱାରା ପଂଜୀକୃତ ହୋଇ କାର୍ଯ୍ୟ କରୁଥିବା ପ୍ରାଥମିକ ବୁଣାକାର ସମିତିମାନଙ୍କ ପାଇଁ ବୟନିକା ବ୍ୟାପକ ବଜାର ସୃଷ୍ଟି କରିବାରେ ଦୀର୍ଘ ୬୬ବର୍ଷ ଧରି ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରିଆସୁଛି। ୧୯୫୬ ମସିହାରେ ପ୍ରତିଷ୍ଠିତ ଓଡିଶା ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସମିତି ଲିଃ, ଯାହାକି ଆଜି 'ବୟନିକା' ନାମରେ ସୁଖ୍ୟାତି ଅର୍ଜନ କରିଛି। ବୟନିକାର ୬୬ତମ ପ୍ରତିଷ୍ଠା ଦିବସ ସମାରୋହ 'ବୟନ ଭବନ' ପ୍ରାଙ୍ଗଣରେ ଆଜି ସନ୍ଧ୍ୟା ୬ଘଟିକା ସମୟରେ ପାଳିତ ହୋଇଯାଇଛି। ଏହି ସମାରୋହକୁ ବୟନିକାର ପରିଚାଳନା ନିର୍ଦ୍ଦେଶକ, ଶ୍ୟାମାଭକ୍ତ ମିଶ୍ର ଏବଂ ହସ୍ତତନ୍ତ , ବୟନ ଓ ହସ୍ତଶିଳ୍ପ ବିଭାଗ ସମେତ ନିର୍ଦ୍ଦେଶାଳୟର ପଦାଧିକାରୀମାନେ ଉଦଘାଟନ କରିଛନ୍ତି। ଉପରୋକ୍ତ ସମାରୋହ ବ୍ୟତୀତ ବୟନିକାର ସମସ୍ତ ବିକ୍ରୟ ଶାଖାରେ ଏହି ସମାରୋହକୁ ପାଳନ କରାଯାଇଛି, ଯାହାକୁ କି ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳ/ ଅତିରିକ୍ତ ଜିଲ୍ଲାପାଳ/ଉପଜିଲ୍ଲାପାଳ/ ତହସିଲଦାରମାନଙ୍କ ଦ୍ୱାରା ଉଦଘାଟିତ ହୋଇଛି। ବୟନିକା ୨୦୨୧-୨୨ ବର୍ଷରେ ନିଜର ପ୍ରତିଷ୍ଠିତ ବିକ୍ରୟ ଶାଖା ଏବଂ ରାଜ୍ୟ ଓ ରାଜ୍ୟ ବାହାରେ ବିଭିନ୍ନ ପ୍ରଦର୍ଶନୀରେ ଭାଗନେଇ ଓ ପ୍ରଦର୍ଶନୀର



ଆୟୋଜନ କରି ୧୨୮.୮୫କୋଟି ଟଙ୍କାର ବ୍ୟବସାୟ ହାସଲ କରିଛି। ୨୦୨୨-୨୩ବର୍ଷରେ ମୋଟ ୧୬୩.୯୦ କୋଟିର ବ୍ୟବସାୟ ଲକ୍ଷ୍ୟ ରଖାଯାଇଛି। ଏକ ହସ୍ତତନ୍ତ ସଂସ୍ଥା ହିସାବରେ ୧୨୮.୮୫ କୋଟିର ବ୍ୟବସାୟ କରିବା, ଓଡ଼ିଶା ହସ୍ତତନ୍ତ ଶିଳ୍ପ କ୍ଷେତ୍ରରେ ନିଶ୍ଚିତ ଭାବେ ଏକ ମାଇଲ ଖୁଂଟ। ଆଗାମୀ ଦିନରେ ବୟନିକା ଏହାର ବ୍ୟବସାୟିକ ଅଭିବୃଦ୍ଧି ଘଟାଇବା ପାଇଁ ବଦ୍ଧପରିକର ହେବା ସଙ୍ଗେ ସଙ୍ଗେ ଏହି ସଂସ୍ଥା ସହ ଜଡିତ ଅଗଣିତ ବୁଣାକାରଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶକୁ ପରିବର୍ଦ୍ଧିତ କରିବା ପାଇଁ ଚେଷ୍ଟିତ।



ମନୋଜବଂ ମାରୁତତୁଲ୍ୟବେଗଂ
ଜିତେନ୍ଦ୍ରିୟଂ ବୁଦ୍ଧିମତାଂ ବରିଷ୍ଠମ୍ ।
ବାତ୍ମଜଂ ବାନରଯୂଥମୁଖ୍ୟଂ
ଶ୍ରୀରାମଦୂତଂ ଶରଣଂ ପ୍ରପଦ୍ୟେ ॥

ସମ୍ପାଦକୀୟ

# ଖରାଛୁଟି ହ୍ରାସ ଓ ପିଲାଙ୍କ ପାଠପଢା ନିଷ୍ପତ୍ତିର ବାସ୍ତବତା

ହିମାଂଶୁ ଶେଖର ଆଚାର୍ଯ୍ୟ
ଶିକ୍ଷାବିତ୍ ଓ ସ୍ତମ୍ଭକାର
ଜଗତ୍‌ସିଂହପୁର

ତାତିରେ ସାରା ରାଜ୍ୟ ଜଳୁଛି । ଅଧିକାଂଶ ସହରରେ ତାପମାତ୍ରା ୪୦ଡିଗ୍ରୀ ଉପରେ ଦିନ ୧୦ଟା ବେଳକୁ ଘରୁ ବାହାରିବା କାଠିକରପାଠ । ଘରେ ଗରମ ତ ବାହାରେ ଗୁଳଗୁଳି । ଏଭଳି ସ୍ଥିତିରେ ସ୍କୁଲ ଯିବେ ପିଲା । ଚଳିତ ବର୍ଷ ସରକାରଙ୍କ ନିଷ୍ପତ୍ତି ଅନୁସାରେ ମେ ୨ରୁ ଜୁନ୍ ୫ ଯାଏ ସ୍କୁଲରେ କ୍ଲାସ ହେବ ଓ ନୂଆ ଶିକ୍ଷା ବର୍ଷ ଆରମ୍ଭ ହେବ । ୧୦୦ ପ୍ରତିଶତ ସିଲାବସରେ ପିଲା ପାଠପଢିବେ । ଏଥିସହିତ ଏହି ସମୟରେ ଛାତ୍ରଛାତ୍ରୀଙ୍କୁ ଗତ ଦୁଇ ବର୍ଷର ପୁରୁଣା ପାଠ ପଢାଯିବ । ଏହାପରେ ଜୁନ୍ ୬ରୁ ୧୬ ପର୍ଯ୍ୟନ୍ତ ଖରାଛୁଟି ହେବ । ଅର୍ଥାତ ପ୍ରଚଣ୍ଡ ତାତିରେ ସ୍କୁଲ ଚାଲିବ । ଆଉ ମୌସୁମୀ ଆସିଲା ବେଳକୁ ଖରାଛୁଟି ହେବ । ସ୍କୁଲରେ ସକାଳ ୬ରୁ ୯ଟା ପର୍ଯ୍ୟନ୍ତ କ୍ଲାସ ଚାଲିବ । ଏନେଇ ବିଭିନ୍ନ ମହଲରେ ଭିନ୍ନଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇଛି । କେତେକ ଏଭଳି ନିଷ୍ପତ୍ତିକୁ ସ୍ୱାଗତ କରିଥିବା ବେଳେ ଅଧିକାଂଶ ଏହାକୁ ନାପସନ୍ଦ କରିଛନ୍ତି । କେତେକ ଶିକ୍ଷାବିତ୍ କହିଛନ୍ତି ଏହାଦ୍ୱାରା ପାଠପଢା ଯାହା ହେଉନା କାହିଁ ପିଲାମାନେ ସ୍କୁଲଘରେ ତାତିରେ ସିଝିବେ । ୟୁଡିଆଇଏସ୍ଇ ତଥ୍ୟ ଅନୁସାରେ ରାଜ୍ୟରେ ୧୮ହଜାରରୁ ଉର୍ଦ୍ଧ୍ୱ ସ୍କୁଲରେ ବିଜୁଳି ସୁବିଧା ନାହିଁ । ଅନ୍ୟପକ୍ଷରେ ଯେଉଁଭଳି ଅଘୋଷିତ ବିଦ୍ୟୁତକାଟ ହେଉଛି ବିଜୁଳି ଥିବା ସ୍କୁଲରେ ବି ବସି ପଢିବା ସମ୍ଭବ ନୁହେଁ । ତେଣୁ ଜୁନ୍ ବଦଳରେ ମେ ମାସରେ ଖରାଛୁଟି ହେବା ଅଧିକ ପ୍ରାସଂଗିକ ମନେହୁଏ । ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ମଧ୍ୟ ସେଇ ୧୧ଦିନିଆ ଖରାଛୁଟି ପାଇଁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।

ଏଠାରେ ସୂଚନାଯୋଗ୍ୟ ଯେ, ମହାମାରୀ କରୋନା ଯୋଗୁଁ ଦୁଇ ବର୍ଷଧରି ସ୍କୁଲ କଲେଜ ବନ୍ଦ ରହିଥିଲା । ପର୍ଯ୍ୟାୟ କ୍ରମେ ମହାବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟ ଖୋଲିଲାପରେ ନିକଟରେ ରାଜ୍ୟରେ ପ୍ରଥମରୁ ସପ୍ତମ ପିଲାଙ୍କ ସ୍କୁଲ ଖୋଲିଛି । ସ୍କୁଲ ଖୋଲିବା ପରେ ପିଲାଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ପ୍ରକାଶ ପାଇଥିଲା । ଏପରିକି ନୂଆ ସାଙ୍ଗ ସାଥିଙ୍କ ମଧ୍ୟରେ ନିଜକୁ ହଜାଇଦେଇଥିଲେ କୁନି କୁନି ପିଲା । ଏଥିପାଇଁ ସ୍କୁଲରେ ସବୁ ପ୍ରକାର ବ୍ୟବସ୍ଥା ହୋଇଥିଲା । ପ୍ରଥମ ଦିନ ପିଲା ସ୍କୁଲ ଆସିଥିବା ବେଳେ ସେମାନଙ୍କୁ ଶିକ୍ଷକ ଓ ଶିକ୍ଷୟତ୍ରୀମାନେ ସେମାନଙ୍କୁ ସ୍ୱାଗତ କରିଥିଲେ ଏବଂ ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମ କରାଯାଇଥିଲା । ଏକ ସପ୍ତାହ ଧରି ଛାତ୍ରଛାତ୍ରୀଙ୍କୁ ସ୍କୁଲ ପାଠ୍ୟକ୍ରମରୁ କିଛି ଶିକ୍ଷା ଦିଆଯାଇନଥିଲା । ପିଲାଙ୍କ ସହ କୋଭିଡ୍ ୧୯ ସମୟର ଅନୁଭୂତୀ, ସ୍କୁଲ ବନ୍ଦ ସମୟର ଅନୁଭୂତି,ଖେଳ, ଗପଶୁଣାଇବା ତଥା ଅନ୍ୟାନ୍ କ୍ରିଏଟିଭ୍ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା । ମୋଟାମୋଟି ଭାବେ ନାଚ, ଗୀତ ଓ ଖେଳ ମାଧ୍ୟମରେ ପିଲାଙ୍କୁ ସ୍କୁଲ କୁ ଆସିବା ପାଇଁ ଆଗ୍ରହ ସୃଷ୍ଟି କରାଯାଇଛି । ପୂର୍ବରୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଥିଲେ ଯେ, ଗତ ଫେବୃଆରୀ ୭ତାରିଖ ଆମ ସମସ୍ତଙ୍କ ପାଇଁ ଐତିହାସିକ ଦିନ ଥିଲା । ପ୍ରାୟ ଦୁଇବର୍ଷ ପରେ ବିଦ୍ୟାଳୟରେ ଘଣ୍ଟା ବାଜିଲା । ପିଲାମାନେ ବିଦ୍ୟାଳୟ ଗଲେ । ପିଲାମାନଙ୍କୁ ଭୟ ନକରିବାକୁ ପରାମର୍ଶ ଦେଇ ସେ ପୁଣି କହିଥିଲେ ଯେ, ଆମେ ସମସ୍ତେ ତୁମ ସାଥିରେ ଅଛୁ, କିନ୍ତୁ ତୁମକୁ ସତର୍କ ରହିବାକୁ ହେବ । ତୁମେ କରୋନା କଟକଣା ଠିକ୍ ଭାବରେ ପଳନ କରିବ । ପାଠପଢାରେ ଯାହା କିଛି କ୍ଷତି ହୋଇଛି ତାକୁ ପୂରଣ କରିବା ପାଇଁ ଆମେ ଦିନରାତି ପରିଶ୍ରମ କରିବା । ସେହିପରି ଓଡିଶାରେ ଅନେକ ଦିନ ପରେ ସ୍କୁଲ କଲେଜ ଖୋଲିବା ନେଇ ଖୁସିବ୍ୟକ୍ତ କରିଥିଲେ କେନ୍ଦ୍ର ଶିକ୍ଷା, ଦକ୍ଷତା, ଉଦ୍ୟମିତାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

କରୋନା ପାଇଁ ଦୁଇବର୍ଷ ହେବ ପିଲାଙ୍କ ପାଠପଢାରେ ଗଭୀର ପ୍ରଭାବ ପଡିଛି । ପୂରାପୁରି ଦୁଇଟି ଶିକ୍ଷା ବର୍ଷ ପିଲାଙ୍କର ସମସ୍ୟା ସୃଷ୍ଟି କରିଛି । ୧୧ଦିନର ଗ୍ରୀଷ୍ମ ଛୁଟି ମଧ୍ୟରେ ଶିକ୍ଷକମାନଙ୍କୁ ବ୍ରିଜ କୋର୍ସ ପ୍ରଶିକ୍ଷଣ ଦିଆଯିବ । ଏପ୍ରିଲ ୨୦ରୁ ୩୦ମଧ୍ୟରେ ପ୍ରଥମରୁ ନବମ ନାମ ଲେଖା ଓ ଏପ୍ରିଲ ୨୦ସୁଦ୍ଧା ପ୍ରଥମରୁ ଅଷ୍ଟମ ବିଦ୍ୟାର୍ଥୀଙ୍କ ଶେଣୀ ଉତ୍ତୀର୍ଣ୍ଣ ଶେଷ ହେବ । ଏଠାରେ ସୂଚନାଯୋଗ୍ୟ ଯେ, ମେ ପହିଲାରୁ ନୂତନ ଶିକ୍ଷା ବର୍ଷ ଆରମ୍ଭ ହେବ । ସକାଳୁଆ ପାଠପଢା ଚାଲୁ ରହିବ । ଏଥିପାଇଁ ସମୟ ସାରଣୀ ଅନୁସାରେ ମେ ୧ ତାରିଖରୁ ସକାଳ ୬ଟାରୁ ୯ଟା ପର୍ଯ୍ୟନ୍ତ ସ୍କୁଲ ଚାଲିବ । ଜୁନ ୫ ତାରିଖ ପର୍ଯ୍ୟନ୍ତ ଏହି ସମୟରେ ସ୍କୁଲ ଚାଲିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି । ଏଥିସହିତ ଉପଯୁକ୍ତ ହିତାଧିକାରୀକୁ ରନ୍ଧା ଖାଦ୍ୟ ଦିଆଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ଏଥିରୁ ଜଣା ପଡୁଛି ଯେ, ମହାମାରୀ କରୋନା ସମୟରେ ପିଲାଙ୍କର ପାଠପଢାରେ ଯେଉଁ କ୍ଷତି ହେଲା ତାହା ଭରଣା ହୋଇପାରି ନାହିଁ । ଏପରିକି ଅନ୍‌ଲାଇନ ପାଠପଢାର ସୁଯୋଗ ମଧ୍ୟ ସମସ୍ତେ ପାଇ ପାରିଲେ ନାହିଁ । ଏଇ କଥାକୁ ଶିକ୍ଷା ବିଭାଗ ଗୁରୁତର ସହ ନେଇଛି । ସରକାରଙ୍କ ଏଭଳି ପଦକ୍ଷେପକୁ କିଛି ଶିକ୍ଷାବିତ୍ ଓ ବୁଦ୍ଧିଜୀବୀ ପ୍ରଶଂସା କରୁଛନ୍ତି । ଆଉ କେତେକ ଏଭଳି ପଦକ୍ଷେପକୁ ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷକ ସଂଗଠନ ମଧ୍ୟ ଏହାର ବିପକ୍ଷରେ ମତ ଦେଉଛନ୍ତି ।

ଏବେ ରାଜ୍ୟରେ ଗ୍ରୀଷ୍ମର ଲହରୀ ଜାରି ରହିଛି । ସବୁଠି ପାରଦ ଉପରମୁହାଁ । ସକାଳ ୮ଟା ବେଳକୁ ଘରୁ ବାହାରିଲେ ମୁହଁ ହାତ ପୋଡିଗଲାଭଳି ଲାଗୁଛି । ପରିସ୍ଥିତି ଏପରି ହୋଇଛି ଯେ, ବୟସ୍କମାନେ



ଘରୁ ବାହାରିବାକୁ ଡରୁଛନ୍ତି । ଏଭଳି ପରିସ୍ଥିତିରେ କୋମଳମତି ପିଲାମାନଙ୍କୁ ସ୍କୁଲ ଯିବାକୁ ପଡିବ ସରକାରୀ ନିୟମ ଅନୁସାରେ ଅନ୍ୟପଟେ ଅଧିକାଂଶ ସ୍କୁଲରେ ଖରାକୁ ପ୍ରତିହତ କରିବାକୁ ଆବଶ୍ୟକ ଭିତ୍ତିଭୂମି ନାହିଁ । ଏଣୁ ପିଲାଙ୍କୁ କିପରି ସ୍କୁଲ ଛାଡିବେ ସେ ନେଇ ଅଭିଭାବକ ଚିନ୍ତାରେ । ସେହିପରି ଶିକ୍ଷକ ଓ ଅଧ୍ୟାପକଙ୍କ ମନରେ ବି କ୍ଷୋଭ । କାରଣ ସେମାନେ ପ୍ରତିବର୍ଷ ଦେଢମାସରୁ ଉର୍ଦ୍ଧ୍ୱ ସମୟ ଗ୍ରୀଷ୍ମ ଛୁଟି ପାଉଥିଲେ । ଚଳିତ ବର୍ଷ କିନ୍ତୁ ମାତ୍ର ୧୧ ଦିନ ଖରାଛୁଟି ହେବ । ତାହା ପୁଣି ପ୍ରଚଣ୍ଡ ଖରା ହେଉଥିବା ମେ ମାସରେ ନୁହେଁ । ଗୋଟିଏ ପଟେ ସରକାର ତାତିରେ ଅଂଶୁଘାତ ପ୍ରତି ସତର୍କ ରହିବାକୁ ନିର୍ଦ୍ଦେଶାବଳୀ ଜାରି କରିଥିବା ବେଳେ ଅନ୍ୟପଟେ ଗଣଶିକ୍ଷା ବିଭାଗର ଏହି ନିଷ୍ପତ୍ତି ବ୍ୟତିକ୍ରମ ପରି ଲାଗୁଛି । ଅନେକ ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀ ନିଜର ଅସନ୍ତୋଷ ପ୍ରକାଶ କରୁଥିବାର ସାମ୍ନାକୁ ଆସୁଛି । ଅନେକ ମଧ୍ୟ ଅନୁରୋଧ କରି ଏ ବାବଦରେ ନିବନ୍ଧଟିଏ ଲେଖିବାକୁ କହିଲେ । କାରଣ ମହାମାରୀ କରୋନା ଯୋଗୁଁ ପାଠପଢାରେ ଅନେକ କ୍ଷତି ହୋଇଛି ଏହା ସତ୍ୟ । କିନ୍ତୁ 'ମା'ରାଣ ଢିଙ୍କି ଗିଳି' ନୀତିରେ ପିଲାମାନେ କିପରି ସ୍କୁଲ ଆସିବେ, ଶିକ୍ଷକ ଓ ଅଧ୍ୟାପକ କିଭଳି ମାନସିକତାରେ ପାଠପଢାଇବେ, ଘରେ ଅଭିଭାବକମାନେ ପିଲା ନଆସିବା ଯାକେ କିପରି ସ୍ଥିର ହୋଇ ବସିବେ ତାହା ଅନେକ ପ୍ରଶ୍ନ ସୃଷ୍ଟି କରୁଛି । ଆଉ ଏକ ବିଚିତ୍ର କଥା ହେଉଛି ସରକାରୀ ସ୍କୁଲରେ ବେସରକାରୀ ସ୍କୁଲର ଶିକ୍ଷକମାନେ ପ୍ରଶିକ୍ଷଣ ଦେବେ । ଏହା ସରକାରୀ ସ୍କୁଲର ଶିକ୍ଷକଙ୍କ ମନରେ ହୀନ ମନ୍ୟାତା ସୃଷ୍ଟି କରିବ ନାହିଁ ତ ?

ଏଥର ଆସିବା ଆମ ଶିକ୍ଷା ବ୍ୟବସ୍ଥା କଥାକୁ । ରାଜ୍ୟରେ ଶିକ୍ଷାବ୍ୟବସ୍ଥା ଅସଜଡା ହୋଇ ରହିଛି ବର୍ଷ ବର୍ଷ ଧରି । ଫଳରେ କେଉଁଠି ଘରଅଛି ପିଲା ନାହାନ୍ତି ଆଉ କେଉଁଠି ପିଲା ଅଛି ଘର ନାହିଁ । ପୁଣି ଆଉ କେଉଁଠି ପିଲା ଅଛନ୍ତି, ଘରଅଛି, କିନ୍ତୁ ଶିକ୍ଷକ ନାହାନ୍ତି । ବେଳେ ବେଳେ ପରିଲକ୍ଷିତ ହୋଇଥାଏ ଯେ କେଉଁଠି ସାତଟି ଶ୍ରେଣୀକୁ ତନିଜଣ ଶିକ୍ଷକ ତ ଆଉ କେଉଁଠି ପାଞ୍ଚୋଟି ଶ୍ରେଣୀକୁ ଦୁଇ ଜଣ ଶିକ୍ଷକ ରହିଛନ୍ତି । ଖାଲି ସେତିକି ନୁହେଁ ସରକାରୀ ଓ ଅନୁଦାନପ୍ରାପ୍ତ ସ୍କୁଲ କଲେଜରେ ଭିତ୍ତିଭୂମିର ଅଭାବ ରହିଛି । ଏବେ ସ୍କୁଲ ଗୁଡିକ ରୂପାନ୍ତରିକରଣ ଚାଲିଛି । ରଙ୍ଗ ବେରଙ୍ଗରେ କ୍ୟାମ୍ପସର ପରିସର ଝଲସୁଛି । କିନ୍ତୁ ଆବଶ୍ୟକ ହେଉଥିବା ଶିକ୍ଷକଙ୍କର ଅଭାବ ରହିଛି । ଖାଲି ଥିବା ପଦବୀ ପୂରଣ ହେଉନାହିଁ । ଅନ୍ୟପଟେ ଶିକ୍ଷକମାନଙ୍କୁ ବିଭିନ୍ନ ଅଣଶୈକ୍ଷିକ କାର୍ଯ୍ୟରେ ନିୟୋଜିତ କରାଯାଉଛି । ବିଭିନ୍ନ ପ୍ରଶିକ୍ଷଣ ନାଁରେ ସେମାନଙ୍କୁ ବିନିଯୋଗ କରାଯାଉଛି । ଯାହାକି ସେମାନଙ୍କୁ ମାନସିକ ସ୍ତରରେ ଭାରକ୍ରାନ୍ତ କରୁଛି । ତାପରେ ପୁଣି ଶିକ୍ଷାନୁଷ୍ଠାନ ମାନଙ୍କରେ ରାଜନୈତିକ ହସ୍ତକ୍ଷେପ । କଲେଜମାନଙ୍କର କଥା ଆହୁରି ତଦ୍ରୁପ । ଏଠାରେ ମଧ୍ୟ ଅଧ୍ୟାପକ ମାନଙ୍କର ମରୁଡି । ଖାଲିଥିବା ଅଧ୍ୟାପକ ପଦବୀ ମଧ୍ୟ ଠିକ୍ ସମୟରେ ପୂରଣ ହେଉନି । ଗୋଟିଏ ଗୋଟିଏ ବିଭାଗରେ ଚାରି ପାଞ୍ଚଜଣ ଅଧ୍ୟାପକ ବା ଅଧ୍ୟାପିକା ଆବଶ୍ୟକତା ଥିବା ବେଳେ ଜଣେ ବା ଦୁଇଜଣ ଅଧ୍ୟାପକ ବା ଅଧ୍ୟାପିକାଙ୍କ ଦ୍ୱାରା ବିଭାଗ ଚାଲୁଛି । ଏସ୍ଏସ୍‌ବି ଦ୍ୱାରା ନିଯୁକ୍ତି ପାଉଥିବା ଅଧ୍ୟାପକଙ୍କ ସଂଖ୍ୟା ସମୁଦ୍ରକୁ ଶଙ୍ଖେ ପାଣି ସଦୃଶ ।

ସାରା ରାଜ୍ୟରେ ଏବେ ହେଉଛି ନିଆଁ ବର୍ଷା । ଟକ ଟକ ଫୁଟୁଛି ସାରା ରାଜ୍ୟ । ଆଭ୍ୟନ୍ତରୀଣ ଓ ଉପକୂଳ ଓଡ଼ିଶାରେ ତାତିରୁ ମିଳୁନି ମୁକ୍ତି । ଏପରିକି ତାତିରେ ସିଝୁଛି ରାଜଧାନୀ ଏଗାର ବର୍ଷରେ ତୃତୀୟଥର ପାଇଁ ଏପ୍ରିଲ୍‌ରେ ତାପମାତ୍ରା ୪୦° ଉପରେ ରହିଛି । ଏପରି ସ୍ଥଳେ ଛାତ୍ରଛାତ୍ରୀ ଓ ଶିକ୍ଷକ/ଶିକ୍ଷୟତ୍ରୀମାନେ କିପରି ସ୍କୁଲ୍‌କୁ ଆସିବେ ତାହା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି ! ସେହିପରି କଲେଜ ମାନଙ୍କରେ ପୁଣି ବାୟୋମେଟ୍ରିକ ମେସିନ୍ ପୁଣି ପ୍ରଚଳନ କରାଯାଇଛି । ଏପରି ପ୍ରବଳ ତାତିରେ ଅଧ୍ୟାପକ/ ଅଧ୍ୟାପିକାମାନେ ୭ଘଣ୍ଟା ରହି କ'ଣ କରିବେ ତାହା ବୁଝା ପଡୁନାହିଁ । ଏ ଦିଗରେ ମଧ୍ୟ ଚିନ୍ତା କରିବାର ଅଛି । ଏସବୁ କଥାକୁ ଦୃଷ୍ଟିରେ ରଖି ଖରାଦିନ ଛୁଟି ଅବଧି ନିଷ୍ପତ୍ତିର ପୁନଃବିଚାର ହେବା ଜରୁରୀ ମନେହୁଏ ।

## ପ୍ରତିଷ୍ଠାତାଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି





## ନୀତିବାଣୀ

ଏକ ଗରିବ ଲୋକ ଅନ୍ୟ ପ୍ରାଣୀର ଶରୀରକୁ କଷ୍ଟ ଦେବାକୁ କୁଣ୍ଠା କରେ ନାହିଁ, କାରଣ ସେ ଏକଥା ଭଲରକମ ବୁଝିପାରିଥାଏ ଯେ, ତାର ନିଜ ଶରୀର ଉପରେ ଆଘାତ ଲାଗିଲେ ତାକୁ କିପରି କଷ୍ଟ ଲାଗେ । ତେଣୁ ଦେବର୍ଷି ନାରଦ ଏକଥା ବିଚାର କଲେ ଯେ, ଏ ଦୁଇଟି ଦେବତା ନଳକୁବେର ଓ ମଣିଗ୍ରୀବ ଅତ୍ୟନ୍ତ ମିଥ୍ୟାଗର୍ବୋନ୍ମତ୍ତ ହୋଇ ପଡ଼ିଛନ୍ତି ; ତେଣୁ ସେମାନଙ୍କୁ ଏପରି ଏକ ଜୀବନାବସ୍ଥାରେ ପକାଇ ଦେବାକୁ ପଡ଼ିବ, ଯେପରିକି ସେମାନେ ମିଥ୍ୟା ଗର୍ବ ଉତ୍ପାଦନ କରୁଥିବା ଐଶ୍ୱର୍ଯ୍ୟରୁ ବଂଚିତ ହେବେ ।

ଯେଉଁ ଲୋକ ନିଜ ଶରୀରେ ପିନ୍ କଣ୍ଟା ଗଳିଯିବାର ଯନ୍ତ୍ରଣା ଅନୁଭବ କରିଥାଏ ସେ କଦାପି ଇଚ୍ଛା କରିବ ନାହିଁଯେ ଅନ୍ୟମାନେ ଏପରି ଯନ୍ତ୍ରଣା ଅନୁଭବ କରନ୍ତୁ । ଦରିଦ୍ର ଜୀବନ ଯାପନ କରୁଥିବା ଏକ ବିରବନ୍ତ ମାନବ ଅନ୍ୟକୁ କଦାପି ସେ ପ୍ରକାର ଅବସ୍ଥାରେ ପଡ଼ିବାକୁ ଇଚ୍ଛା କରିବ ନାହିଁ । ସାଧାରଣତଃ ଏହା ଦେଖାଯାଏ ଯେ, ଯେଉଁ ବ୍ୟକ୍ତି ଜୀବନରେ ଏକ ଗରିବ ଅବସ୍ଥାରୁ ଉପରକୁ ଉଠିଛି ଏବଂ ଧନୀ ହୋଇପାରିଛି ସେ ତାର ଜୀବନର ଅନ୍ତିମ ସମୟରେ କେତକେ ଦାତବ୍ୟ ଅନୁଷ୍ଠାନ ପ୍ରତିଷ୍ଠା କରେ କାରଣ ଅନ୍ୟ ଦରିଦ୍ର ଲୋକମାନେ ତଦ୍ୱାରା ଉପକୃତ ହେବେ । ବସ୍ତୁତଃ ଏହାହିଁ କୁହାଯାଇପାରେ ଯେ, ଏକ ଦୟାର୍ଦ୍ର ହୃଦୟ ଗରିବ ଲୋକ ଅନ୍ୟର ସୁଖ ଦୁଃଖକୁ ସହାନୁମିତ ସହକାର ବିଚାର କରେ । ଗରିବ ଲୋକ କଦାପି ମିଥ୍ୟା ଗର୍ବୋନ୍ମତ୍ତ ହୁଏ ନାହିଁ । ଆହୁରି ମଧ୍ୟ ସେ ସମସ୍ତ ପ୍ରକାର ମହା ମଦାନ୍ଧତାରୁ ମୁକ୍ତ ହୋଇପାରେ । ଭଗବାନଙ୍କ କୃପାରୁ ଯାହା ତାଙ୍କୁ ମିଳିଲା, ସେଇଥିରେ ସେ ସନ୍ତୁଷ୍ଟ । ଗରିବ ଜୀବନ ଯାପନ କରିବା ଏକ ପ୍ରକାର ଆତ୍ମସଂଯମ ଅଟେ । ତେଣୁ ବୈଦିକ ସଂସ୍କୃତି ଅନୁଯାୟୀ ବ୍ରାହ୍ମଣମାନେ ଗରିବ ଜୀବନଯାପନ କରିବାକୁ ଏକ ନିତ୍ୟ କର୍ତ୍ତବ୍ୟ ବୋଲି ମନେ କରନ୍ତି, (କାହିଁକି ?), କାରଣ ଏତଦ୍ୱାରା ସେମାନେ ନିଜକୁ ଭୌତିକ ଐଶ୍ୱର୍ଯ୍ୟକୁ ଜାତ ମିଥ୍ୟା ମାନ ସମ୍ମାନ ଗର୍ବ ଆଦିରୁ ରକ୍ଷା କରନ୍ତି । ଭୌତିକ ସମୃଦ୍ଧିରୁ ଜାତ ଏହି ମିଥ୍ୟା ଆତ୍ମସମ୍ମାନ ବା ଗର୍ବ ଆଧ୍ୟାତ୍ମିକ ଦିଗରେ ଏକ ବିରାଟ ପ୍ରତିବନ୍ଧକ ଅଟେ । ଜଣେ ଜରିବ ଲୋକ ଅଧବକ ଭୋଜନ କରି ଅସ୍ୱାଭାବିକ୍ ଭାବରେ ମୋଟା ହୋଇ ପାରିବ ନାହିଁ । ସେ ଯେତିକି ଦରକାର ସେତିକି ଭୋଜନ କରେ, ସେଥିରୁ ଅଧିକ ସେ ଭୋଜନ କରେ ନାହିଁ ।

# ତାପମାତ୍ରା ବୃଦ୍ଧିରେ ମାନବୀୟ ଭୂମିକା

ସାତ୍ତ୍ୱିକ ଆଚାର୍ଯ୍ୟ
ରାଜେନ୍ଦ୍ରପଡ଼ା, ବଲାଙ୍ଗିର ୭୬୭୦୦୧

ଗ୍ଲୋବାଲ ୱାର୍ମିଂ ସମଗ୍ର ବିଶ୍ୱ ପାଇଁ ଏକ ଚିନ୍ତାର ବିଷୟ ପାଲଟିଥିବାବେଳେ ଗ୍ରୀଷ୍ମଋତୁରେ ବଲାଙ୍ଗିର ଜିଲ୍ଲାର ତାପମାତ୍ରା ବୃଦ୍ଧି ସାଧାରଣ ମଣିଷର ଜୀବନଯାତ୍ରାକୁ ନେଇ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟିକରିଛି । ଆଗରୁ ଯଦିଓ ଏ ଅଂଚଳରେ ଝାଉ ମାରିବା କଥା ଥିଲା କିଛିବର୍ଷ ତଳେ ଅଂଶୁଘାତ ଶବ୍ଦଟି ସମସ୍ତଙ୍କୁ ଏକ ଅଜଣା ଆତଙ୍କରେ ଆତଙ୍କିତ କରିବା ଆରମ୍ଭ କରିଦେଇଥିଲା । ଏହି ପରିପ୍ରେକ୍ଷୀରେ ଟିଟିଲାଗଡ଼ର ତାପମାତ୍ରା ଆଶାତୀତ ଭାବରେ ବୃଦ୍ଧିପାଇ ସମଗ୍ର ଭାରତର ଉତ୍ତପ୍ତ ସହରର ମାନଚିତ୍ରରେ ଟିଟିଲାଗଡ଼କୁ ସ୍ଥାନଦେବା ସଂଗେସଂଗେ ତତଲାଗଡ଼ରୂପେ ଏକ ନୂତନ ପରିଚୟ ସୃଷ୍ଟି କରିଥିଲା । ପିଲାବେଳେ ଟିଟିଲାଗଡ଼ରେ ରହୁଥିବା ମୋର ଏକ ବଡ଼ମା ଘରକୁ ଯିବାପାଇଁ ଯେତେବେଳେ ଅଳି କରୁଥିଲି ମୋତେ ସୁନ୍ଦର ଭାବରେ ବୁଝାଇ ଦିଆଯାଉଥିଲା ଟିଟିଲାଗଡ଼ରେ ବେଶୀ ତାତି ହୁଏ, ଗଲେ ଦେହ ଖରାପ ହେବ । ସେତେବେଳେ ମୁଁ କହୁଥିଲି ସାଂଗରେ ମୋର ବନ୍ଧୁକ ନେଇକରି ଯିବି ବନ୍ଧୁକ ଦୁଇଥର ଫୁଟାଇଦେଲେ ତାତି ପଳାଇଯିବ । କାରଣ ସେତେବେଳେ ମୋ ପାଖରେ ଥିବା ମୋର ଖେଳନା ବନ୍ଧୁକ ଉପରେ ମୋର ଭାରି ଭରସା ଥିଲା । ବାପାଙ୍କର ମୋଟର ସାଇକେଲ ଚାବି, କଲମ ଆଦି ଖୋଜିବାକୁ ପଡୁଥିଲେ ମୋ ପାଟିରୁ ସ୍ୱତଃ ବାହାରି ପଡୁଥିଲା, ମୋର ବନ୍ଧୁକ ଦିଅ, ଫୁଟାଇଦେଲେ ଚାବି ବାହାରି ଆସିବ । ଏହି ପୃଷ୍ଠଭୂମିରେ ଟିଟିଲାଗଡ଼ର ତାତି ସହିତ ବାଲ୍ୟକାଳରୁ ମୋର ଏକ ଆବେଗିକ ସଂପର୍କ ଥିଲାବେଳେ ବଲାଙ୍ଗିର କେନ୍ଦ୍ରୀୟ ବିଦ୍ୟାଳୟରେ ସପ୍ତମ ଶ୍ରେଣୀରେ ପଢୁଥିବାବେଳେ ଘଉଝଉ ପାଇଁ ଆହ୍ୱାନ ଆସିଲା । ମୋର ପୂର୍ବ ଚେତନାକୁ ନେଇ Weather and Climate of Titilagarh ଉପରେ ମୁଁ ପ୍ରକଳ୍ପଟିଏ ପ୍ରସ୍ତୁତ କରିଥିଲି ।

ପ୍ରକଳ୍ପଟି ବିଦ୍ୟାଳୟସ୍ତରରେ ମନୋନୀତ ହୋଇ Regional ସ୍ତରକୁ ଯାଇଥିଲା । ଯଦିଓ କୌଣସି କାରଣରୁ ଜାତୀୟସ୍ତରକୁ ଯିବାପାଇଁ ମନୋନୀତ ହୋଇପାରି ନଥିଲା, ପ୍ରକଳ୍ପଟି ପ୍ରସ୍ତୁତ କରିବା ସମୟରେ ଟିଟିଲାଗଡ଼ ଯାଇ ମୁଁ ଯାହାକିଛି ତଥ୍ୟ ସଂଗ୍ରହ କରିଥିଲି ଓ ତା'ର ଭୌଗୋଳିକ ସ୍ଥିତିକୁ ଅନୁଭବ କରିଥିଲି ତଥା ବର୍ତ୍ତମାନ ବଲାଙ୍ଗିର ସହରର ତାପମାତ୍ରା ଅଧିକାଂଶ ଦିନ ରାଜ୍ୟରେ ସର୍ବାଧିକ ରହୁଥିବାବେଳେ କେଉଁଦିନ ଜାତୀୟ ସ୍ତରରେ ୨ୟ ତ କେଉଁଦିନ ୧ମ ରହୁଥିବା ଘଟଣା ମୋତେ ପୁଣି ଆଜି କିଛି ଲେଖିବା ପାଇଁ ପ୍ରେରଣା ପ୍ରଦାନ କରିଛି । ଏହି ପରିପ୍ରେକ୍ଷୀରେ ମୁଁ ସପ୍ତମ ଶ୍ରେଣୀରେ ପଢୁଥିବାବେଳେ ପ୍ରସ୍ତୁତ କରିଥିବା ପ୍ରକଳ୍ପ ବିଷୟକୁ ଦୈନିକ ଖବର କାଗଜ 'ପ୍ରମେୟ' ତା ୧୯/୦୫/୨୦୧୭ରେ ପ୍ରକାଶିତ ବିଶେଷ ପୃଷ୍ଠାରେ ଉଦ୍ଧୃତ କରିଥିବାରୁ 'ପ୍ରମେୟ'ର ରିପୋର୍ଟର ତଥା ସଂପାଦକଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରୁଛି ।

ଟିଟିଲାଗଡ଼ ସହରର ଚତୁଃପାର୍ଶ୍ୱରେ ଥିବା ଲଣ୍ଡାପାହାଡ଼, କ୍ଷେତ୍ରସନର ଅସଂଖ୍ୟ ଲୁହାଧାରଣା ପ୍ରଭୃତି ଟିଟିଲାଗଡ଼ ତାପମାତ୍ରା ବୃଦ୍ଧିର ପ୍ରମୁଖ କାରଣ ହୋଇଥିବାବେଳେ ଭୂପୃଷ୍ଠରେ ପ୍ରାକୃତିକ ଜଳଭଣ୍ଡାରର ସ୍ୱଳ୍ପତା ଏହାର ଉତ୍ତାପ ବୃଦ୍ଧିରେ ବିଶେଷ ସହାୟକ ହେଉଥିବା ମନେହୁଏ । ଏଥିପାଇଁ ଆମକୁ କେତେକ ସୁଚିନ୍ତିତ ପଦକ୍ଷେପ ନେବାକୁ ହେବ । ପ୍ରଥମତଃ ଲଣ୍ଡାପାହାଡ଼ର ଚତୁଃପାର୍ଶ୍ୱରେ ବ୍ୟାପକ ବୃକ୍ଷରୋପଣ କରିବା ସହିତ ସହରର ରାସ୍ତାକଡ଼ରେ ଶୀଘ୍ର ବଢୁଥିବା ଛାୟା ପ୍ରଦାନ କାରୀ ବୃକ୍ଷରୋପଣ କରିବାକୁ ପଡ଼ିବ । ନୂତନ ଗୃହନିର୍ମାଣ କରିବାକୁ ଯେଉଁମାନେ ସରକାରଙ୍କଠାରୁ ଅନୁମତି ନେବାକୁ ଚାହୁଁଥିବେ ସେମାନଙ୍କୁ ସରକାର ଅନୁମତି ପ୍ରଦାନ କାଳରେ ୨ ହଜାର ବର୍ଗଫୁଟ ଜାଗା ପାଇଁ ଅତିକମ୍‌ରେ ୨ଟି ଛାୟାପ୍ରଦାନକାରୀ ବୃକ୍ଷ ରୋପଣ କରିବାପାଇଁ ସର୍ତ୍ତ ରଖିବା ଆବଶ୍ୟକ । ସହରର ରାସ୍ତାର ଉଭୟପାର୍ଶ୍ୱରେ ଡ୍ରେନ ନିର୍ମାଣ ନକରି ଗୋଟିଏ ପଟେ ଡ୍ରେନ ଓ ଗୋଟିଏ ପଟେ ଛାୟାପ୍ରଦାନକାରୀ ବୃକ୍ଷରୋପଣ ପାଇଁ ଯୋଜନା କରିବା ଆବଶ୍ୟକ । ଗଳିକନ୍ଦିର ରାସ୍ତାମାନଙ୍କରେ ସଂପୂର୍ଣ୍ଣ କଂକ୍ରିଟ ଡ୍ରେନ ନିର୍ମାଣ ନକରି ଡ୍ରେନ କଡ଼ରେ ବୃକ୍ଷରୋପଣ କରି ସେସବୁ ବୃକ୍ଷ ମୂଳରେ ଗ୍ରାଉଣ୍ଡ ୱାଟର ରିଚାର୍ଜ ହେବା ଭଳି ସର୍ତ୍ତ ରଖାଯିବା ଆବଶ୍ୟକ । ଯାହ ଫଳରେ ଡ୍ରେନପାଣି ଡ୍ରେନ ଭିତରେ କିମ୍ବା ଡ୍ରେନ ସୀମା ପାରି ହେବା ପରେ ଯାହା ଉଦବୃତ୍ତହୋଇ ପରିବେଶକୁ ଖରାପ କରୁଛି, କରିବ ନାହିଁ ବରଂ ଗ୍ରାଉଣ୍ଡ ୱାଟର ରିଚାର୍ଜ ହେବା ସଂଗେସଂଗେ କଡ଼ରେ ଲାଗିଥିବା ବୃକ୍ଷ ବଢ଼ିବା ଓ ବଂଚିବାରେ ସହାୟକ ହେବ ।

ଲଣ୍ଡାପାହାଡ଼ର ଚତୁଃପାର୍ଶ୍ୱରେ ବୃକ୍ଷରୋପଣ କରିବା ସହିତ ପାହାଡ଼ ଉପରେ ସ୍ଥାନେସ୍ଥାନେ ମାଟି ପକାଇ କମ୍ ମାଟି ଓ ପାଣିରେ ବଂଚିପାରୁଥିବା ଗ୍ରାଭେଲା ପ୍ରଜାତିର ବୃକ୍ଷରୋପଣ କରାଯାଇପାରିବ । କିଛିବର୍ଷପରେ ସେସବୁ ଗଛର ପତ୍ରପଡ଼ି ଲଣ୍ଡାପାହାଡ଼ ଆପେ ଆପେ ଏକ ଆସ୍ତରଣରେ ଘୋଡ଼ାଇହେବ ଓ ସେସବୁ ଗଛର ମଞ୍ଜି ପଡ଼ି ଆପେ ନୂତନ ବୃକ୍ଷ ସୃଷ୍ଟିହୋଇ ପାହାଡ଼କୁ ଘୋଡ଼ାଇ ରଖିବ ।

ରେଳଧାରଣାର ଉଭୟପାର୍ଶ୍ୱରେ ଛାୟାପ୍ରଦାନକାରୀ ବୃକ୍ଷରୋପଣର ବ୍ୟବସ୍ଥା କରାଗଲେ ଧାରଣାର ଉତ୍ତାପ ହ୍ରାସ ଘଟିବ । ମାଟିରେ ତିଆରି ହେଉଥିବା ଇଟାଦ୍ୱାରା ଯେଭଳି Soil Erosion ହେଉଛି, ସେଭଳି ତାକୁ ପୋଡ଼ିବା ପାଇଁ ଅନେକ ଗଛ ନଷ୍ଟହୋଇ ପ୍ରାକୃତିକ ଭାରସାମ୍ୟ ଧ୍ୱଂସ ହେଉଛି । ପୁଣି ଖରାଦିନରେ ହିଁ ଇଟାଭାଟି ପୋଡ଼ାଯାଉଥିବାରୁ ତାହା ଉତ୍ତାପ ବୃଦ୍ଧିରେ ସହାୟକ ହେଉଛି । ତେଣୁ ଏହାକୁ ବନ୍ଦକରି ଫ୍ଲାଇଆଶ୍ ଇଟାର ବ୍ୟବହାର ଉପରେ ଜୋର୍ ଦେବାର ଆବଶ୍ୟକତା ରହିଛି । ସବୁଆଡ଼େ ଅଧିକ ସଂଖ୍ୟକ ପୋଖରୀ, ମୁଣ୍ଡା ଖୋଳାଯାଇ ଭୂପୃଷ୍ଠରେ ଜଳଭଣ୍ଡାରକୁ ଗ୍ରୀଷ୍ମଋତୁରେ ବଂଚାଇ ରଖିବାକୁ ପଡ଼ିବ ।

ନିକଟରେ ପ୍ରବାହିତ ତେଲନଦୀରେ ଜଳଭଣ୍ଡାର ସୃଷ୍ଟି କରାଗଲେ ଗ୍ରାଉଣ୍ଡ ୱାଟର ରିଚାର୍ଜ ହୋଇପାରିବ । ପୁଣି ସେ ଜଳଭଣ୍ଡାରରୁ ପାଣି ନେଇ ଟିଟିଲାଗଡ଼ ସହର ଭିତରେ ଥିବା ବନ୍ଧକଟାକୁ ସବୁଦିନ ପରିପୂର୍ଣ୍ଣ କରାଗଲେ ତାତି ଅନେକ ମାତ୍ରାରେ କମିପାରିବ । ଆହୁରି ମଧ୍ୟ ସୌରରଶ୍ମିକୁ ବ୍ୟବହାର କରି ସୌରଶକ୍ତି ପ୍ରକଳ୍ପଗୁଡ଼ିକ ପ୍ରତିଷ୍ଠା କରାଗଲେ ତା'ର ଉପଯୁକ୍ତ ବିନିଯୋଗ ହୋଇପାରିବ ।

ବଲାଙ୍ଗିର ସହର ମଝିରେ ଥିବା ଗଛଗୁଡ଼ିକୁ ରାସ୍ତା ପ୍ରଶସ୍ତିକରଣ ନାଁରେ କାଟି ଦିଆଯାଉଥିବାରୁ ତାପମାତ୍ରା କିଛିବର୍ଷ ହେଲା ବହୁ ପରିମାଣରେ ବୃଦ୍ଧି ପାଉଛି । ସହର ମଝିରେ ଗଛ ଲଗାଇବା ପାଇଁ ସରକାର ଅଦ୍ୟାବଧି କୌଣସି ଯୋଜନା କରି ନଥିବାବେଳେ ହଠାତ୍ ଏତେସଂଖ୍ୟକ ଶହଶହ ବର୍ଷର ପୁରୁଣା ନିମ୍ବଗଛସବୁ କିଭଳି ସଫା କରିଦେଲେ ତାହା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଗଛ ଲଗାଇବାକୁ ଯୋଜନା ନାହିଁ ଗଛ କଟାଯାଉଛି କିନ୍ତୁ ବାଇପାସ ରାସ୍ତା ନିର୍ମାଣ କଥା ବର୍ଷବର୍ଷ ଧରି କୁହାଯାଉଥିଲେ ମଧ୍ୟ କରାଯାଉନାହିଁ ବରଂ ସହର ଭିତରେ ଦେଇ ଗାଡ଼ି ଯିବାପାଇଁ ରାସ୍ତା ପ୍ରଶସ୍ତିକରଣ କରାଯାଉଛି ।

ଏତେ ଟ୍ରକ ସହର ଭିତରଦେଇ ଯାଉଛି ଯେ ସ୍କୁଲପିଲା ସାଇକେଲ ଚଳାଇ ସ୍କୁଲ କି ଟିଉସନ ଯିବା ସମ୍ଭବ ହେଉନାହିଁ । ସକାଳୁ ସକାଳୁ ମହିଳା କଲେଜରୁ ଜିଲ୍ଲାପାଳଙ୍କ ବାସଭବନ ସମ୍ମୁଖରେ ଥିବା ଚିଲଡ୍ରେନ ପାର୍କ କିମ୍ବା ଜଗରସ୍ ପାର୍କକୁ ରାସ୍ତାକଡ଼ରେ ଚାଲିଯିବା ପାଇଁ ଭୟ ଲାଗୁଛି । ସରକାର ତାତିରୁ ବଲାଙ୍ଗିରକୁ ରକ୍ଷା କରିବା ପାଇଁ ତୁରନ୍ତ ବାଇପାସ୍ ନିର୍ମାଣ କରନ୍ତୁ ।

ଲୋୟର ସୁକତେଲ ଓ ଲକ୍ଷ୍ମୀଯୋର ପ୍ରକଳ୍ପ ସଂପୂର୍ଣ୍ଣ କାର୍ଯ୍ୟକାରୀ ହେଲେ ବଲାଙ୍ଗିରର ଗ୍ରାଉଣ୍ଡ ୱାଟର ରିଚାର୍ଜ ହେବା ସହିତ ସବୁବେଳେ ଲକ୍ଷ୍ମୀଯୋର ଓ କୂଅଗୁଡ଼ିକ ଜଳପୂର୍ଣ୍ଣ ହୋଇ ରହିପାରିବ । କିନ୍ତୁ ; ତୁରନ୍ତ ତାହା ସଂପୂର୍ଣ୍ଣ ହେବାପାଇଁ ପଦକ୍ଷେପ ନେବା ଆବଶ୍ୟକ । ଏହା ସହ ବଲାଙ୍ଗିର ସହର ଭିତରେ ଥିବା ଅସଂଖ୍ୟ ବନ୍ଧକଟାକୁ ଜବରଦଖଲରୁ ମୁକ୍ତକରି ସବୁଦିନ ଯେଭଳି ଜଳପୂର୍ଣ୍ଣ ରହିପାରିବ ସେ ଦିଗରେ ପଦକ୍ଷେପ ନେବା ଆବଶ୍ୟକ । ଲୋୟର ସୁକତେଲ ପ୍ରକଳ୍ପ ହେଲାପରେ ତାହା ତ ସହଜ ହେବ ତା' ପୂର୍ବରୁ ସହର ପାଇଁ ଉପଲବ୍ଧ ଥିବା ପାନୀୟ ଜଳ ଯୋଜନାକୁ ମଧ୍ୟ ତା ସହିତ ଯୋଡ଼ି ସେସବୁ ବନ୍ଧକଟାକୁ ପ୍ରତିଦିନ ଯେତିକି ଜଳ ଶୁଖୁଛି ସେତିକି ପରିମାଣର ଜଳ ବର୍ଷସାରା ସବୁଦିନ ରିଚାର୍ଜ କରାଗଲେ ତାପମାତ୍ରା ଅନେକ ପରିମାଣରେ ନିୟନ୍ତ୍ରଣରେ ରହିପାରିବ ।

# 'ଜିଆଇଟିଓ କନେକ୍ଟ ୨୦୨୨'ର ଉଦ୍‌ଘାଟନୀ ଅଧିବେଶନକୁ ସମ୍ବୋଧିତ କଲେ ପ୍ରଧାନମନ୍ତ୍ରୀ




ନୂଆଦିଲ୍ଲୀ, (ପିଆଇବି):ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଭିଡିଓ କନଫରେନସିଂ ମାଧ୍ୟମରେ ଜୈନ ଅନ୍ତର୍ଜାତୀୟ ବାଣିଜ୍ୟ ସଙ୍ଗଠନର 'ଜିଆଇଟିଓ କନେକ୍ଟ ୨୦୨୨'ର ଉଦ୍‌ଘାଟନୀ ଅଧିବେଶନକୁ ସମ୍ବୋଧିତ କରିଛନ୍ତି ।

ସଭାକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ଆଜିର କାର୍ଯ୍ୟକ୍ରମ ସମ୍ପର୍କରେ 'ସମସ୍ତଙ୍କର ପ୍ରୟାସ'ର ଭାବନାକୁ ଉଲ୍ଲେଖ କରିଥିଲେ ଏବଂ କହିଥିଲେ ଯେ, ଆଜି ସମଗ୍ର ବିଶ୍ୱ ଭାରତର ବିକାଶ ପ୍ରସ୍ତାବ ଗୁଡ଼ିକୁ ନିଜର ଲକ୍ଷ୍ୟ ହାସଲ କରିବାର ଉଦ୍ଦେଶ୍ୟ ଭାବେ ବିଚାର କରୁଛି । ବିଶ୍ୱ ସ୍ତରରେ ଶାନ୍ତି ପ୍ରତିଷ୍ଠା କଥା ହେଉ କି ବିଶ୍ୱ ସ୍ତରରେ ସମୃଦ୍ଧିର କଥା ହେଉ, ବିଶ୍ୱ ସ୍ତରରେ ଦେଖା ଦେଉଥିବା ଆହ୍ୱାନ ସହିତ ସମ୍ବନ୍ଧିତ ସମାଧାନ କଥା ହେଉ କିମ୍ବା ବିଶ୍ୱ ସ୍ତରରେ ଯୋଗାଣ ଶୃଙ୍ଖଳାକୁ ମଜଭୁତ କରିବା ନିମନ୍ତେ ହେଉ, ସମଗ୍ର ବିଶ୍ୱ ଭାରତ ଆଡକୁ ବହୁତ ବିଶ୍ୱାସର ସହିତ ଦେଖୁଛି । ସେ କହିଥିଲେ ଯେ, "ମୁଁ ଅନେକ ୟୁରୋପୀୟ ଦେଶକୁ 'ଅମୃତ କାଳ' ନିମନ୍ତେ ଭାରତର ପ୍ରସ୍ତାବ ସମ୍ପର୍କରେ ସୂଚନା ଦେବା ପରେ ଏବେ ଦେଶକୁ ଫେରିଛି ।"

ପ୍ରଧାନମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ, ବିଶେଷଜ୍ଞତା କ୍ଷେତ୍ର ଯାହା ବି ହେଉ, ଚିନ୍ତାର କ୍ଷେତ୍ର ହେଉ ଏବଂ ଲୋକ ମାନଙ୍କ ମଧ୍ୟରେ ଯାହା ବି ମତଭେଦ ହେଉ, ସେସବୁ ନୂତନ ଭାରତର ଉଦୟ ସହିତ ଏକାଠି ହୋଇ ରହିଛି । ଆଜି ସମସ୍ତେ ଏହା ଅନୁଭବ କରୁଛନ୍ତି ଯେ, "ଭାରତ ଏବେ 'ସମ୍ଭାବନା ଏବଂ କ୍ଷମତା'କୁ ଅତିକ୍ରମ କରି ଆଗକୁ ବଢ଼ୁଛି ଏବଂ ବିଶ୍ୱ କଲ୍ୟାଣ ନିମନ୍ତେ ଏକ ମହତ ଉଦ୍ଦେଶ୍ୟ ସଂପାଦନ କରୁଛି" । ନିର୍ମଳ ଉଦ୍ଦେଶ୍ୟ, ସ୍ୱଷ୍ଟ ଚିନ୍ତାଧାରା ଏବଂ ଅନୁକୂଳ ନୀତି ଗୁଡ଼ିକ ସମ୍ପର୍କରେ ତାଙ୍କର ପୂର୍ବରୁ କରିଥିବା ଦାବିକୁ ପୁଣି ଥରେ ଦୋହରାଇ ସେ କହିଥିଲେ ଯେ, ଆଜି ଦେଶ ଯେତେ ସମ୍ଭବ ହୋଇ ପାରିବ ପ୍ରତିଭା, ବାଣିଜ୍ୟ ଏବଂ ପ୍ରଯୁକ୍ତି ବିଦ୍ୟାକୁ ପ୍ରୋତ୍ସାହିତ କରୁଛି । ସେ କହିଥିଲେ ଯେ, ଆଜି ଦେଶରେ ପ୍ରତିଦିନ ଡଜନ ଡଜନ ଷ୍ଟାର୍ଟଅପ୍ ପଞ୍ଜୀକୃତ ହେଉଛି, ପ୍ରତି ସପ୍ତାହରେ ଏକ ୟୁନିକର୍ଣ୍ଣ ସୃଷ୍ଟି ହେଉଛି ।

ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଯେବେଠାରୁ ସରକାରୀ ଇ-ମାର୍କେଟପ୍ଲେସ୍ ଅର୍ଥାତ୍ ଜେମ୍ ପୋର୍ଟାଲ୍ କାର୍ଯ୍ୟକ୍ଷମ ହୋଇଛି, ସମସ୍ତଙ୍କ ସାମନାରେ ଗୋଟିଏ ପ୍ଲାଟଫର୍ମରେ ସବୁ ପ୍ରକାରର କ୍ରୟ କରି ପାରୁଛନ୍ତି । ଏବେ ଦୂରଦୂରାନ୍ତରେ ଥିବା ଗ୍ରାମ ଗୁଡ଼ିକର ଲୋକ, ଛୋଟ ଦୋକାନୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ସେମାନଙ୍କର ଉତ୍ପାଦକୁ ସିଧାସଳଖ ସରକାରଙ୍କୁ ବିକ୍ରି କରି ପାରୁଛନ୍ତି । ଆଜି ୪୦ ଲକ୍ଷରୁ ଅଧିକ ବିକ୍ରେତା ଜେମ୍ ପୋର୍ଟାଲ୍ ସହିତ ଯୋଡି ହୋଇ ସାରିଛନ୍ତି ବୋଲି ସେ ସୂଚନା ଦେଇଥିଲେ । ସେ ପାରଦର୍ଶୀ 'ଫେସ୍‌ଲେସ୍' କର ନିର୍ଦ୍ଧାରଣ, ଏକ ଦେଶ – ଏକ କର, ଉତ୍ପାଦକତା ସହିତ ଯୋଡି ହୋଇ ରହିଥିବା ପ୍ରୋତ୍ସାହନ ଯୋଜନା ଗୁଡ଼ିକ ସମ୍ପର୍କରେ ମଧ୍ୟ କହିଥିଲେ ।

ପ୍ରଧାନମନ୍ତ୍ରୀ ଏହା ମଧ୍ୟ କହିଥିଲେ ଯେ, ଭବିଷ୍ୟତ ନିମନ୍ତେ ଆମର ରାସ୍ତା ଏବଂ ଲକ୍ଷ୍ୟ ସ୍ୱଷ୍ଟ ଅଟେ । "ଆତ୍ମନିର୍ଭର ଭାରତ ଆମର ମାର୍ଗ ଏବଂ ସଙ୍କଳ୍ପ ଅଟେ ।

# ଜାତୀୟ ଶିକ୍ଷା ନୀତିର କାର୍ଯ୍ୟକାରିତା ସମୀକ୍ଷା କଲେ ପ୍ରଧାନମନ୍ତ୍ରୀ ମୋଦି



ନୂଆଦିଲ୍ଲୀ, (ପିଆଇବି): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜାତୀୟ ଶିକ୍ଷା ନୀତି (ଏନଇପି) ୨୦୨୦ର କାର୍ଯ୍ୟକାରିତା ସମୀକ୍ଷା କରିଛନ୍ତି । ଏହି ବୈଠକରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏନଇପି ୨୦୨୦ କାର୍ଯ୍ୟକାରୀ ହେବାର ଦୁଇ ବର୍ଷ ମଧ୍ୟରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏସବୁ କାର୍ଯ୍ୟକ୍ରମ ଜରିଆରେ ଜାତୀୟ ଶିକ୍ଷା ନୀତିର ମୂଳ ଉଦ୍ଦେଶ୍ୟ ସୁଲଭତା, ସମାନତା, ସମାବେଶିତା ଏବଂ ଗୁଣବତ୍ତା ଆଧାରିତ ଶିକ୍ଷାଦାନ ଉପରେ ଗୁରୁତ୍ୱାରୋପ କରାଯାଇଛି । ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ଠାବ କରିବା ଏବଂ ସେମାନଙ୍କୁ ମୁଖ୍ୟଧାରାକୁ ଫେରାଇ ଆଣିବା, ଉଚ୍ଚ ଶିକ୍ଷା କ୍ଷେତ୍ରରେ ଏକାଧିକ ପ୍ରବେଶ ଓ ପ୍ରସ୍ଥାନର ବିକଳ୍ପ ଭଳି ପଦକ୍ଷେପ ନିଆଯାଇଛି । ଆମେ ସ୍ୱାଧୀନତାର 'ଅମୃତ କାଳ'ରେ ପ୍ରବେଶ କରୁଥିବାରୁ ଏସବୁ ପଦକ୍ଷେପ ରାଷ୍ଟ୍ର ପ୍ରଗତିକୁ ପରିଭାଷିତ କରିବା ସହିତ ଏଥିପାଇଁ ମାର୍ଗଦର୍ଶନ ମଧ୍ୟ କରିବ । ଜାତୀୟ ଷ୍ଟିଅରିଂ କମିଟିର ମାର୍ଗଦର୍ଶନରେ ଜାତୀୟ ପାଠ୍ୟକ୍ରମ ଢାଞ୍ଚାର ଗଠନ କାର୍ଯ୍ୟ ଜାରି ରହିଥିବା ନେଇ ବୈଠକରେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା । ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ଉନ୍ନତ ଅଧ୍ୟୟନ ପରିଣାମ ଏବଂ ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ପାଇଁ ବାଲବାଟିକା ଗୁଡ଼ିକରେ ଇସିସିଇ ଭଳି ଗୁଣବତ୍ତା, ନିପୁଣ ଭାରତ, ବିଦ୍ୟା ପ୍ରବେଶ, ପରୀକ୍ଷାରେ ସଂସ୍କାର ଏବଂ କଳା ସହ ସମନ୍ୱିତ ଶିକ୍ଷା, ଖେଳନା ଆଧାରିତ ଶିକ୍ଷାଶାସ୍ତ୍ର ଭଳି ଅଭିନବ ଶିକ୍ଷାଦାନ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉଛି । ପ୍ରଧାନମନ୍ତ୍ରୀ କହିଥିଲେ ଯେ, ସ୍କୁଲ ଛାତ୍ରଛାତ୍ରୀଙ୍କୁ ପ୍ରଯୁକ୍ତି ଉପରେ ଅତ୍ୟଧିକ ନିର୍ଭରଶୀଳ ନହେବାକୁ ଦେବା ଲାଗି ଅନଲାଇନ ଏବଂ ଅଫଲାଇନ ଶିକ୍ଷାଦାନର ହାଇବ୍ରିଡ୍ ପଦ୍ଧତି ବିକଶିତ କରାଯିବା ଉଚିତ୍ ।

# ନେସନାଲ ଫିଲ୍ମ ହେରିଟେଜ୍ ମିଶନ ଅଧୀନରେ ବିଶ୍ୱର ସର୍ବବୃହତ ଚଳଚ୍ଚିତ୍ର ପୁନରୁଦ୍ଧାର ପ୍ରକଳ୍ପର ଶୁଭାରମ୍ଭ



ନୂଆଦିଲ୍ଲୀ, (ପିଆଇବି):ନେସନାଲ ଫିଲ୍ମ ହେରିଟେଜ୍ ମିଶନ (ଏନଏଫଏଚ୍ଏମ) ବା ଜାତୀୟ ଚଳଚ୍ଚିତ୍ର ଐତିହ୍ୟ ଅଭିଯାନ ଅଧୀନରେ ଭାରତ ବିଶ୍ୱର ସର୍ବବୃହତ ଚଳଚ୍ଚିତ୍ର ପୁନରୁଦ୍ଧାର ପ୍ରକଳ୍ପ କାର୍ଯ୍ୟକାରୀ କରିବ ଏବଂ ଏଥିପାଇଁ ୩୬୩ କୋଟି ଟଙ୍କା ଖର୍ଚ୍ଚ କରାଯିବ । କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଶ୍ରୀ ଅନୁରାଗ ଠାକୁର ଏହି ଘୋଷଣା କରିଛନ୍ତି । ଆଜି ଆରମ୍ଭ ହୋଇଥିବା ପୁନରୁଦ୍ଧାର ପ୍ରକଳ୍ପକୁ ଭାରତୀୟ ଜାତୀୟ ଚଳଚ୍ଚିତ୍ର ସଂଗ୍ରହାଳୟ ଠାରେ ଦ୍ରୁତ ଗତିରେ କାର୍ଯ୍ୟକାରୀ କରାଯିବ । ପୁଣେ ଠାରେ ଏହି ସଂଗଠନର ଏକ ସମୀକ୍ଷା ବୈଠକରେ ଯୋଗ ଦେଇ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଠାକୁର ଏହା କହିଛନ୍ତି ।ନେସନାଲ ଫିଲ୍ମ ହେରିଟେଜ୍ ମିଶନ ଅଧୀନରେ ପ୍ରାୟ ୨,୨୦୦ ଚଳଚ୍ଚିତ୍ରକୁ ପୁନରୁଦ୍ଧାର କରାଯିବ । ଚଳଚ୍ଚିତ୍ର ନିର୍ମାତା, ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାତା, ଚଳଚ୍ଚିତ୍ର ଐତିହାସିକ, ପ୍ରଯୋଜକ ଆଦିଙ୍କୁ ନେଇ ଗଠିତ ଭାଷା ଭିତ୍ତିକ କମିଟି ମାଧ୍ୟମରେ ଚଳଚ୍ଚିତ୍ରର ଶୀର୍ଷକ ଚୟନ କରାଯାଇଛି । ଏହି କମିଟିରେ ଅପର୍ଣ୍ଣା ସେନ, ଶ୍ରୀରାମ ରାଘବନ, ଅଞ୍ଜଳି ମେନନ ଏବଂ ଭେଟ୍ରିମାରନଙ୍କ ଭଳି ବିଶିଷ୍ଟ ଚଳଚ୍ଚିତ୍ର ବ୍ୟକ୍ତିତ୍ୱମାନେ ସାମିଲ ରହିଛନ୍ତି ।

କେନ୍ଦ୍ର ମନ୍ତ୍ରୀ କହିଛନ୍ତି ଯେ, ନେସନାଲ ଫିଲ୍ମ ହେରିଟେଜ୍ ମିଶନ ଚଳଚ୍ଚିତ୍ରର ପୁନରୁଦ୍ଧାର ସହିତ ଚଳଚ୍ଚିତ୍ର ସ୍ଥିତି ଆକଳନ ପ୍ରକ୍ରିୟାର ସଂରକ୍ଷଣ, ସତର୍କତାମୂଳକ ସଂରକ୍ଷଣ ଓ ଡିଜିଟାଲକରଣ କାର୍ଯ୍ୟ ମଧ୍ୟ ସମ୍ପାଦନ କରିବ । ଏଥିପାଇଁ ମୋଟ୍ ୫୯୭ କୋଟି ଟଙ୍କାର ବଜେଟ୍ ଆବଣ୍ଟନ କରାଯାଇଛି, ଯାହାକି ବିଶ୍ୱର ସବୁଠୁ ବଡ ଚଳଚ୍ଚିତ୍ର ସଂରକ୍ଷଣ ଅଭିଯାନ ହେବ ବୋଲି କେନ୍ଦ୍ର ମନ୍ତ୍ରୀ ସୂଚନା ଦେଇଛନ୍ତି ।

ଭାରତୀୟ ଚଳଚ୍ଚିତ୍ର ଜଗତର ୧୦୦ ବର୍ଷରୁ ଅଧିକ ସମୟର ଇତିହାସ ରହିଛି ଏବଂ ବିଶ୍ୱ ଚଳଚ୍ଚିତ୍ର ଦୁନିଆରେ ଏହା ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି । ଭାରତୀୟ ଚଳଚ୍ଚିତ୍ରର ପୁନରୁଦ୍ଧାର ପ୍ରକଳ୍ପ କାର୍ଯ୍ୟକାରୀ ହେବା ଦ୍ୱାରା ବହୁ ଦଶନ୍ଧି ଧରି ଦର୍ଶକମାନଙ୍କୁ ବାନ୍ଧି ରଖିଥିବା ଏସବୁ ଚଳଚ୍ଚିତ୍ରର ସମୃଦ୍ଧଶାଳୀ ଐତିହ୍ୟକୁ ଭବିଷ୍ୟତ ପିଢ଼ି ଜାଣିବା ଲାଗି ସକ୍ଷମ ହୋଇପାରିବେ ।ପ୍ରଥମ ପର୍ଯ୍ୟାୟରେ ଏନଏଫଏଆଇ ମହାନ ଚଳଚ୍ଚିତ୍ର ନିର୍ମାତା ସତ୍ୟଜିତ ରାୟଙ୍କ ୧୦ଟି ସମ୍ମାନଜନକ ଚଳଚ୍ଚିତ୍ରକୁ ପୁନରୁଦ୍ଧାର ପାଇଁ ଚୟନ କରିଛି । ଏସବୁ ଚଳଚ୍ଚିତ୍ରକୁ ବିଭିନ୍ନ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ କରାଯିବ ।

# କାନ୍ସ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଥମ ସମ୍ମାନିତ ରାଷ୍ଟ୍ର ଭାବେ ଅଂଶଗ୍ରହଣ କରିବ ଭାରତ



ନୂଆଦିଲ୍ଲୀ, (ପିଆଇବି): ଫ୍ରାନ୍ସରେ ଅନୁଷ୍ଠିତ ହେବାକୁ ଥିବା କାନ୍ସ ଚଳଚ୍ଚିତ୍ର ମହୋତ୍ସବ ଉପଲକ୍ଷେ ଆୟୋଜିତ ହେବାକୁ ଥିବା ମର୍ସେଡୁ ଚଳଚ୍ଚିତ୍ର ମହୋତ୍ସବରେ ଭାରତ ବିଧିବଦ୍ଧ ଭାବେ ପ୍ରଥମ ସମ୍ମାନିତ ରାଷ୍ଟ୍ର ଭାବେ ଅଂଶଗ୍ରହଣ କରିବ । କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଶ୍ରୀ ଅନୁରାଗ ଠାକୁର ଆଜି ଏ ସମ୍ପର୍କରେ ସୂଚନା ଦେଇଛନ୍ତି । ଭାରତର ଅଂଶଗ୍ରହଣ ସମ୍ପର୍କରେ ବିସ୍ତୃତ ସୂଚନା ଦେଇ ଶ୍ରୀ ଠାକୁର କହିଛନ୍ତି ଯେ, ମାର୍ସେ ଡୁ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଥମ ଥର ପାଇଁ ଏକ ରାଷ୍ଟ୍ରକୁ ବିଧିବଦ୍ଧ ଭାବେ ସମ୍ମାନିତ କରାଯିବାର ପରମ୍ପରା ଆରମ୍ଭ ହୋଇଛି । ପରବର୍ତ୍ତୀ ସଂସ୍କରଣଗୁଡିକରେ ଭିନ୍ନ ଭିନ୍ନ ରାଷ୍ଟ୍ରକୁ ସମ୍ମାନିତ ରାଷ୍ଟ୍ର ଭାବେ ସାମିଲ କରାଯିବ । ଶ୍ରୀ ଠାକୁର ଆହୁରି କହିଛନ୍ତି ଯେ, ଭାରତ ଏବଂ ଫ୍ରାନ୍ସ ମଧ୍ୟରେ ଦ୍ୱିପାକ୍ଷିକ କୂଟନୈତିକ ସମ୍ପର୍କକୁ ୭୫ ବର୍ଷ ପୂରଣ ହେଉଛି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ପ୍ୟାରିସ ଗସ୍ତରେ ଯାଇ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋଁଙ୍କୁ ସାକ୍ଷାତ କରିବେ । ଏହି ପରିପ୍ରେକ୍ଷୀରେ ଭାରତକୁ ସମ୍ମାନିତ ସଦସ୍ୟ ଭାବେ ମାର୍ସେ ଡୁ ଚଳଚ୍ଚିତ୍ର ମହୋତ୍ସବରେ ସାମିଲ କରାଯିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇପଡିଛି ।

ଶ୍ରୀ ଠାକୁର କହିଛନ୍ତି ଯେ, ମାଜେଷ୍ଟିକ୍ ବିଚ୍‌ରେ ଅନୁଷ୍ଠିତ ହେବାକୁ ଥିବା ମାର୍ସେ ଡୁ ଚଳଚ୍ଚିତ୍ର ମହୋତ୍ସବର ଉଦଘାଟନୀ ସନ୍ଧ୍ୟାରେ ସମ୍ମାନିତ ସଦସ୍ୟ ଭାବେ ଭାରତ ସାମିଲ ହେବାକୁ ଯାଉଥିବାରୁ ଏହି ଅବସରରେ ଭାରତୀୟ ଚଳଚ୍ଚିତ୍ର, ସଂସ୍କୃତି ଏବଂ ଐତିହ୍ୟକୁ ପ୍ରଦର୍ଶନ କରିବା ଲାଗି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଏହି ଉପଲକ୍ଷେ ଭାରତୀୟ ସାଂସ୍କୃତିକ କାର୍ଯ୍ୟକ୍ରମ, ଲୋକଗୀତ ଏବଂ ଆତସବାଜି ପ୍ରଦର୍ଶିତ ହେବ । ଭାରତ ଏବଂ ଫ୍ରାନ୍ସ ବ୍ୟଞ୍ଜନ ମଧ୍ୟ ଏହି ଅବସରରେ ପରିବେଷଣ କରାଯିବ ।

କେନ୍ଦ୍ର ମନ୍ତ୍ରୀ ଆହୁରି କହିଥିଲେ ଯେ କାନ୍ସ ନେକ୍ସଟ କାର୍ଯ୍ୟକ୍ରମରେ ମଧ୍ୟ ଭାରତ ସମ୍ମାନିତ ରାଷ୍ଟ୍ର ଭାବେ ସାମିଲ ହେବ । ଏହା ଅଧୀନରେ ଅଡିଓ-ଭିଜୁଆଲ ଉଦ୍‌ଯୋଗର ୫ଟି ନୂଆ ଷ୍ଟାର୍ଟଅପକୁ ସୁଯୋଗ ଦିଆଯିବ । ଆନିମେସନ ଡେ ନେଟୱାର୍କରେ ଦଶଜଣ ପେସାଦାର ଅଂଶଗ୍ରହଣ କରିବେ । ୭୫ତମ କାନ୍ସ ଚଳଚ୍ଚିତ୍ର ମହୋତ୍ସବରେ ଆର. ମାଧବନଙ୍କ ପ୍ରଯୋଜିତ 'ରକେଟ୍ରି'ର ୱାର୍ଲ୍ଡ ପ୍ରିମିୟର ଅନୁଷ୍ଠିତ ହେବ । ୧୯ ମେ ୨୦୨୨ରେ ଏହି ଚଳଚ୍ଚିତ୍ରକୁ ପାଲାଏସ ଡେସ୍ ମହୋତ୍ସବରେ ପ୍ରଦର୍ଶିତ କରାଯିବ ।

# ବେଦ ଆମ ସଂସ୍କୃତିର ଆଧାର: ଧର୍ମେନ୍ଦ୍ର



ଉଜ୍ଜୟିନୀ :ଆମର ସଂସ୍କୃତିର ଆଧାର ବେଦର ପ୍ରଚାର ପ୍ରସାର ପାଇଁ ଭାରତ ସରକାର ମହର୍ଷି ସାନ୍ଦିପନୀ ରାଷ୍ଟ୍ରୀୟ ବୈଦବିଦ୍ୟା ପ୍ରତିଷ୍ଠାନ ନେତୃତ୍ୱରେ ଆମ ଜନଆସ୍ଥାର ଚାରି ଧାମ ଓ ମାଆ କାମାକ୍ଷାଙ୍କ ପାଦଦେଶରେ ୫ଟି ବେଦ ବିଦ୍ୟାପୀଠ ନିର୍ମାଣ କରିବାର ନିଷ୍ପତ୍ତି ନେଇଛନ୍ତି । ଏହା ଦ୍ୱାରା ବିଦ୍ୟାର୍ଥୀମାନେ ବେଦର ପାଠକୁ ଅଭ୍ୟାସ କରିପାରିବେ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ବୁଧବାର ମଧ୍ୟପ୍ରଦେଶର ଉଜ୍ଜେନ ଠାରେ ଏକାଧିକ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି । କେନ୍ଦ୍ରମନ୍ତ୍ରୀ ଉଜ୍ଜେନ ସ୍ଥିତ ମହର୍ଷି ସାନ୍ଦିପନୀ ରାଷ୍ଟ୍ରୀୟ ବେଦବିଦ୍ୟା ପ୍ରତିଷ୍ଠାନର ଯଜ୍ଞଶାଳା, ଶ୍ରେଣୀଗୃହ ଏବଂ ଇ-ଶ୍ରେଣୀଗୃହର ଲୋକାର୍ପଣ କରିଛନ୍ତି। ଏହି ଅବସରେ ସେ କହିଛନ୍ତି ଯେ ବେଦ ଆମ ସଂସ୍କୃତିର ଆଧାର। ଆମର ବୈଦିକ ପରମ୍ପରା ହେଉଛି କାଳଜୟୀ। ଭାରତ ସରକାର ଏହି ଶିକ୍ଷାନୁଷ୍ଠାନର ନେତୃତ୍ୱରେ ଆମର ଜନଆସ୍ଥାର ଚାରି ଧାମ ପୁରୀ, ବଦ୍ରିନାଥ, ଦ୍ୱାରିକା, ରାମେଶ୍ୱରମ ସମେତ ମାଆ କାମାକ୍ଷାଙ୍କ ପାଦଦେଶରେ ୫ଟି ବେଦ ବିଦ୍ୟାପୀଠ ନିର୍ମାଣ କରିବାର ନିଷ୍ପତି ନେଇଛନ୍ତି। ଏହା ଦ୍ୱାରା ବିଦ୍ୟାର୍ଥୀମାନେ ବେଦର ପାଠକୁ ଅଭ୍ୟାସ କରିପାରିବେ। ଆମର ପୁରାତନ ଏବଂ ମୂଲ୍ୟବାନ ବେଦ ବ୍ୟବସ୍ଥାକୁ ଆଧୁନିକ ଶିକ୍ଷା ସହିତ ଯୋଡ଼ିବାକୁ ଭାରତ ସରକାର ପଦକ୍ଷେପ ନେଉଛନ୍ତି ଏବଂ ଏହି ମର୍ମରେ ମହର୍ଷି ସାନ୍ଦିପନୀ ପ୍ରତିଷ୍ଠାନକୁ ମାଧ୍ୟମିକ ବୋର୍ଡର ମାନ୍ୟତା ପ୍ରଦାନ କରିବାର ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଯାଇଛି।
ଭାରତ ଏକ ନାରୀ ପ୍ରଧାନ ଦେଶ। ବେଦର ମାଧ୍ୟମରେ ଭାରତୀୟତାକୁ ବିଶ୍ୱ ସାମ୍ନାରେ ଆଣିବା ପାଇଁ ମାଆ ଭଉଣୀ ମାନଙ୍କୁ ବେଦ ଅଧ୍ୟୟନରେ ପ୍ରୋତ୍ସାହିତ କରିବାକୁ ପଡ଼ିବ। ରାଷ୍ଟ୍ରୀୟ ଶିକ୍ଷା ନୀତି ଅନ୍ତର୍ଗତ ଭାରତୀୟ ଜ୍ଞାନ ପରମ୍ପରାକୁ ଆଗକୁ ବଢ଼ାଇବା, ଆଧୁନିକ ସମାଜରେ ବେଦ ପାଠର ପ୍ରାସଙ୍ଗିକତାକୁ ଆଧୁନିକ ସମାଜରେ ସଂରକ୍ଷିତ ରଖିବା ସହ ପ୍ରୋତ୍ସାହନ କରିବା ଦିଗରେ ଏହି ମହର୍ଷି ସାନ୍ଦିପାନୀ ରାଷ୍ଟ୍ରୀୟ ବେଦବିଦ୍ୟା ପୀଠ ପ୍ରତିଷ୍ଠାନ ଦେଶରେ ୬ ହଜାରରୁ ଅଧିକ ବିଦ୍ୟାର୍ଥୀଙ୍କୁ ଶିକ୍ଷାଦାନ କରୁଅଛି। ସେହିପରି ଉଜ୍ଜେନ ଠାରେ ରାଷ୍ଟ୍ରୀୟ ଶିକ୍ଷା ନୀତି ଉପରେ ଆୟୋଜିତ ଅନ୍ତରାଷ୍ଟ୍ରୀୟ ସମ୍ମିଳନୀ ଏବଂ କୁଶାଭାଉ ଠାକରେ ଜନ୍ମଶତାବ୍ଦୀ ଅନ୍ତର୍ଗତ ସକ୍ଷମ ବୈଭବଶାଳୀ ଭାରତ ନିର୍ମାଣରେ ନୂଆ ରାଷ୍ଟ୍ରୀୟ ଶିକ୍ଷା ନୀତି ଉପରେ ଆୟୋଜିତ ପୃଥକ ପୃଥକ କାର୍ଯ୍ୟକ୍ରମରେ ଅଭିଭାଷଣ ପ୍ରଦାନ କରିଛନ୍ତି। ସେ କହିଛନ୍ତି ଯେ ରାଷ୍ଟ୍ରୀୟ ଶିକ୍ଷା ନୀତିରେ ତିନୋଟି ବିଷୟରେ ଅଧିକ ଗୁରୁତ୍ୱ ଦିଆଯାଇଛି। ଭାରତୀୟ ଭାଷା ତଥା ଆଂଚଳିକ ଭାଷାକୁ ପ୍ରୋତ୍ସାହନ, ଶିକ୍ଷା ପ୍ରଣାଳିରେ ଭାରତୀୟ ମୂଲ୍ୟବୋଧ ଏବଂ ଶିକ୍ଷା ସହ ରୋଜଗାରକୁ ସର୍ବାଧିକ ପ୍ରାଧାନ୍ୟ ଦିଆଯାଇଛି। ଯୁବକଙ୍କୁ ସ୍ୱାବଲମ୍ବୀ କରିବା, ଚାକିରି ନ ଖୋଜି ନିଯୁକ୍ତିଦାତା ହେବା ଓ ଉଦ୍ୟୋଗୀ ହୋଇ ପ୍ରତିଷ୍ଠିତ ହୋଇ ବୈଶ୍ୱିକ ନାଗରିକ ସୃଷ୍ଟିରେ ଏହି ନୀତି ପ୍ରଣୟନ କରାଯାଇଛି।

# ମୋଟରଯାନ ଟ୍ରେଡ ସାର୍ଟିଫିକେଟ ପ୍ରଦାନ ନିୟମରେ ସଂଶୋଧନ ପାଇଁ ଚିଠା ବିଜ୍ଞପ୍ତି ପ୍ରକାଶିତ

ନୂଆଦିଲ୍ଲୀ, (ପିଆଇବି): କେନ୍ଦ୍ରୀୟ ମୋଟର ଯାନ ଆଇନ ୧୯୮୯ ଅନ୍ତର୍ଗତ ଟ୍ରେଡ ସାର୍ଟିଫିକେଟ ନିୟମରେ କେତେକ ସଂଶୋଧନ ଆଣିବାକୁ ସଡକ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ପକ୍ଷରୁ ଚ . ଳ ି ତ ମ । ସ ୫ତାରିଖ(୫.୫.୨୦୨୨)ରେ ଏକ ଚିଠା ବିଜ୍ଞପ୍ତି ପ୍ରକାଶ କରାଯାଇଛି ।

ମୋଟରଯାନ କ୍ଷେତ୍ରରେ ଟ୍ରେଡ ସାର୍ଟିଫିକେଟର ନିର୍ଦ୍ଦିଷ୍ଟ ଆବଶ୍ୟକତା ରହିଛି । ଯେତେବେଳେ ଗୋଟିଏ ମୋଟରଯାନ ପଞ୍ଜୀକୃତ ହୋଇ ନ ଥିବ କିମ୍ବା ଅସ୍ଥାୟୀ ପଞ୍ଜୀକରଣ ପାଇ ନ ଥିବ, ସେତେବେଳେ ସମ୍ପୃକ୍ତ ଗାଡି ପାଇଁ ଟ୍ରେଡ ସାର୍ଟିଫିକେଟ ଦରକାର ହୋଇଥାଏ । ଏହି ସମୟରେ ସମ୍ପୃକ୍ତ ଯାନ ଏହାର ନିର୍ମାତା, ବିକ୍ରେତା, ଆମଦାନୀକାରୀ କିମ୍ବା ଟେଷ୍ଟିକାରୀ ସଂସ୍ଥା ପାଖରେ ରହିଥାଏ । ଏଥିପାଇଁ ମୋଟରଯାନ ଆଇନର ୧୨୬ ଧାରେ ବ୍ୟବସ୍ଥା ରହିଛି ।

ଏହି ଯାନର କାରବାର / ବ୍ୟବସାୟକୁ ସୁଗମ କରିବା ପାଇଁ କେନ୍ଦ୍ର ସରକାର ମୋଟରଯାନ ଆଇନରେ କେତେକ ସଂଶୋଧନ କରିବାକୁ ଚାହୁଁଛନ୍ତି । ପ୍ରସ୍ତାବ ଅନୁସାରେ ଏଣିକି ସମ୍ପୃକ୍ତ ସଂସ୍ଥା ବା ଏଜେନ୍ସି ବିଭିନ୍ନ ପ୍ରକାର ମୋଟର ଯାନ ପାଇଁ ଟ୍ରେଡ୍ ସାର୍ଟିଫିକେଟ ଓ ଟ୍ରେଡ ରେଜିଷ୍ଟ୍ରେସନ ମାର୍କ ପାଇବାକୁ ଇଲେକ୍‌ଟ୍ରୋନିକ୍ ବ୍ୟବସ୍ଥାରେ ଏଣିକି ଆବେଦନ କରିପାରିବେ । ଆରଟିଓ ଅଫିସକୁ ନ ଯାଇ ଆବେଦନକାରୀ 'ବାହନ ପୋର୍ଟାଲ'ରେ ଗୋଟିଏ ଆବେଦନପତ୍ର ମାଧ୍ୟମରେ ଏହି ଟ୍ରେଡ ସାର୍ଟିଫିକେଟ ଓ ଟ୍ରେଡ ରେଜିଷ୍ଟ୍ରେସନ ମାର୍କ ପାଇବାକୁ ଆବେଦନ କରିପାରିବେ । ଟ୍ରେଡ ରେଜିଷ୍ଟ୍ରେସନ ମାର୍କର ସଂଖ୍ୟା ଅନୁସାରେ ଆବେଦନକାରୀଙ୍କୁ ଫି ଭରିବାକୁ ପଡିବ । ଏହାପରେ ଉଭୟ ଟ୍ରେଡ ସାର୍ଟିଫିକେଟ ଓ ରେଜିଷ୍ଟ୍ରେସନ ମାର୍କ ଅନଲାଇନରେ ସମ୍ପୃକ୍ତ ପୋର୍ଟାଲ ମାଧ୍ୟମରେ ଇଲେକ୍‌ଟ୍ରୋନିକ ବ୍ୟବସ୍ଥାରେ ଯୋଗାଇ ଦିଆଯିବ ।

ଏହି ଇଲେକ୍‌ଟ୍ରୋନିକ ବ୍ୟବସ୍ଥା ଫଳରେ ଟ୍ରେଡ୍ ସାର୍ଟିଫିକେଟ ହଜିଲେ କିମ୍ବା ନଷ୍ଟ ହୋଇଗଲେ ଏହାର ନକଲ ପାଇବାକୁ କର୍ତ୍ତୃପକ୍ଷଙ୍କ ନିକଟକୁ ଆଗଭଳି ଆଉ ଦୌଡିବାକୁ ପଡିବ ନାହିଁ । ଏହା ଫଳରେ ଗାଡି ବିକ୍ରେତା, ଉତ୍ପାଦକ ଓ ଆମଦାନୀକାରୀ ବିଶେଷ ଉପକୃତ ହେବେ । ପରିବହନ କ୍ଷେତ୍ରରେ ଏହା ଏକ ନୂଆ ସୁବିଧା ପ୍ରଦାନକାରୀ ବ୍ୟବସ୍ଥା । ଆହୁରି ମଧ୍ୟ ଚିଠା ବିଜ୍ଞପ୍ତିରେ ଟ୍ରେଡ ସାର୍ଟିଫିକେଟର ବୈଧତାକୁ ୧୨ମାସରୁ ପାଞ୍ଚବର୍ଷ ପର୍ଯ୍ୟନ୍ତ ବଢାଇ ଦିଆଯାଇଛି ।

# ଦେଶର ଉପକୂଳବର୍ତ୍ତୀ ଜିଲ୍ଲାଗୁଡିକର ସାମଗ୍ରିକ ବିକାଶ ପାଇଁ 'କନଭରଜେନ୍ସ ମୋଡ୍'ରେ ୫୬୭ଟି ପ୍ରକଳ୍ପ ଚିହ୍ନଟ ହୋଇଛି: ସର୍ବାନନ୍ଦ




ନୂଆଦିଲ୍ଲୀ, (ପିଆଇବି):କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ଶ୍ରୀ ସର୍ବାନନ୍ଦ ସୋନୋୱାଲ କହିଛନ୍ତି ଯେ ସାଗରମାଳା ପ୍ରକଳ୍ପର ସଫଳତା ଆଧାରରେ ତାଙ୍କ ମନ୍ତ୍ରଣାଳୟ ଦେଶର ସମୁଦ୍ର ଉପକୂଳବର୍ତ୍ତୀ ଜିଲ୍ଲାଗୁଡିକର ସାମଗ୍ରିକ ବିକାଶ ପାଇଁ ଏକ ଯୋଜନା ପ୍ରସ୍ତୁତ କରିଛି । ଏହି କାର୍ଯ୍ୟକ୍ରମ ସାଗରମାଳା ଯୋଜନା ଅଧୀନରେ କାର୍ଯ୍ୟକାରୀ ହେବ ।
ଜାତୀୟ ସାଗରମାଳା ଶୀର୍ଷ କମିଟି (ଏନ୍‌ଏସ୍‌ଏସି)ର ଏକ ବୈଠକ ପରେ ମନ୍ତ୍ରୀ ଶ୍ରୀ ସୋନୋୱାଲ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ ବିଭିନ୍ନ ସମ୍ପୃକ୍ତ ପକ୍ଷଙ୍କ ସହ ଏକାଧିବାର ଆଲୋଚନା ଓ ବିଚାର ବିମର୍ଶ ପରେ ଦେଶର ଉପକୂଳବର୍ତ୍ତୀ ଜିଲ୍ଲାଗୁଡିକରେ ୫୬୭ଟି ବିକାଶମୂଳକ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନିଆଯାଇଛି । ଚିହ୍ନଟ ହୋଇଥିବା ଏହି ପ୍ରକଳ୍ପଗୁଡିକ କନ୍ଭରଜେନ୍ସ ମୋଡ୍ (କେନ୍ଦ୍ରାଭିମୁଖୀ ବ୍ୟବସ୍ଥା)ରେ କାର୍ଯ୍ୟକାରୀ ହେବ ଏବଂ ଏଥିପାଇଁ ୫୮,୭୦୦ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି ।
ସେ କହିଛନ୍ତି ଯେ ସାଗରମାଳା ଯୋଜନାରେ ବନ୍ଦର ଓ ବନ୍ଦର ସଂଯୋଗକୁ ଗୁରୁତ୍ୱ ପ୍ରଦାନ କରାଯାଇ ପରିବହନ ଓ ରପ୍ତାନୀ ଆମଦାନୀ ଖର୍ଚ୍ଚ ଯଥେଷ୍ଟ କମାଇବାକୁ ଗୁରୁତ୍ୱ ଦିଆଯାଉଛି । ତେବେ ଉପକୂଳ ଜିଲ୍ଲାଗୁଡିକର ସାମଗ୍ରିକ ବିକାଶ ଯୋଜନାର ଲକ୍ଷ୍ୟ ହେଲା ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ମୌଳିକ ଭିତ୍ତିଭୂମିର ଯେଉଁ ଅଭାବ ରହିଛି ତାହାକୁ ଦୂର କରିବା ଏବଂ ଏହା ମାଧ୍ୟମରେ ଅର୍ଥନୀତିକ ସୁବିଧା ସୁଯୋଗ ସୃଷ୍ଟି କରିବା । ଏଥିପାଇଁ ଚିହ୍ନଟ ହୋଇଥିବା ପ୍ରକଳ୍ପ ଏବଂ ସାଗରମାଳା କାର୍ଯ୍ୟକ୍ରମରେ ଆସୁଥିବା ପ୍ରକଳ୍ପର ମୋଟ ସଂଖ୍ୟା ୧୫୩୭ରେ ପହଞ୍ଚିଛି । ଏ ସମସ୍ତ ପ୍ରକଳ୍ପର ବ୍ୟୟ ଅଟକଳ ୬. ୫ ଲକ୍ଷ କୋଟି ଟଙ୍କା ବୋଲି ମନ୍ତ୍ରୀ ଶ୍ରୀ ସୋନୋୱାଲ କହିଛନ୍ତି ।ସେ ଆହୁରି କହିଛନ୍ତି ଯେ କମିଟି ଦେଶରେ ଚାଲିଥିବା ସାଗରମାଳା କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା କରିବା ସହ ତତ୍ସଂକ୍ରାନ୍ତ ଅନ୍ୟାନ୍ୟ ବିଭିନ୍ନ ପ୍ରସଙ୍ଗରେ ବିଚାର ଆଲୋଚନା କରିଛି । ସେ କହିଛନ୍ତି ଯେ ସାଗରମାଳା ଯୋଜନା ଅଧୀନରେ ୫.୫ ଲକ୍ଷ କୋଟି ଟଙ୍କାର ୫୦୨ ଟି ପ୍ରକଳ୍ପକୁ ୨୦୩୫ ସୁଦ୍ଧା ସମ୍ପୂର୍ଣ୍ଣ କରିବାର ଲକ୍ଷ୍ୟ ରଖାଯାଇଛି । ସେଥିମଧ୍ୟରୁ ୯୯.୨୮୧ କୋଟି ଟଙ୍କାର ୨୦୨ଟି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି ।








# ଭିଟାମିନ୍ ବି କେତେ ଜରୁରୀ

ଭିଟାମିନ୍ ବି କମ୍ପ୍ଲେକ୍ସ ଶରୀର ପାଇଁ ବେଶ୍ ଦରକାରୀ। ଯଦି ଏହା ହ୍ରାସପାଏ ତେବେ ସ୍ମରଣଶକ୍ତି ଦୁର୍ବଳ ହୋଇଯାଇଥାଏ। ଅଳ୍ପ କିଛି କାମକଲେ ଜଲଦି ଦୁର୍ବଳ ଲାଗେ। ତା ଛଡା ଅନେକ ଡିପ୍ରେସନର ଶିକାର ମଧ୍ୟ ହୋଇପଡନ୍ତି। ତେଣୁ ସୁସ୍ଥ ରହିବା ପାଇଁ ସବୁବେଳେ ସନ୍ତୁଳିତ ଆହାର ଖାଇବାକୁ ଚେଷ୍ଟା କରନ୍ତୁ। ଭିଟାମିନ୍ ବି କମ୍ପ୍ଲେକ୍ସ ଏଭଳି ଏକ ତତ୍ତ୍ୱ ଯାହାକି ମସ୍ତିଷ୍କକୁ କାର୍ଯ୍ୟଶୀଳ କରିଥାଏ। କେବଳ ସେତିକି ନୁହେଁ ଏହା ଶରୀରରେ ମେଟାବଲିଜିମ୍ ବୃଦ୍ଧି କରାଇଥାଏ। ଯାହାକି ଶରୀରରେ ଡିଏନ୍ଏ ଓ ଲୋହିତ ରକ୍ତ କଣିକା ତିଆରି କରିଥାଏ। ମାଛ,ମାଂସ ଓ ଅଣ୍ଡାରେ ଏହା ପ୍ରଚୁର ପରିମାଣରେ ରହିଥାଏ। ତେବେ ଯେଉଁମାନେ ଶାକାହାରୀ ସେମାନେ କ୍ଷୀର,ପନିର, ସୋୟା ମିଲକ୍, ଆଳୁ, ଗାଜର,ମୂଳା ଓ ବିଟ୍ ଖାଇପାରିବେ। କାରଣ ଏଥିରେ ପର୍ଯ୍ୟାପ୍ତ ପରିମାଣରେ ଭିଟାମିନ୍ ବି କମ୍ପ୍ଲେକ୍ସ ରହିଥାଏ।

# ଅଁଳାର ଔଷଧୀୟ ଗୁଣ



୧. ଶୁଖିଲା ଅଁଳା ୩୦ ଗ୍ରାମ, ବାହାଡା ୧୦ ଗ୍ରାମ୍, ଆମ୍ବ କୋଇଲି ୫୦ ଗ୍ରାମ୍ ଏବଂ ଲୌହ ଚୂର୍ଣ୍ଣ ୧୦ ଗ୍ରାମ୍‌କୁ ରାତିସାରା ପାଣିରେ ବତୁରାଇ ରଖନ୍ତୁ। ଏହାକୁ ପ୍ରତିଦିନ କେଶରେ ଲଗାଇବା ଦ୍ୱାରା ଅଳ୍ପ ବୟସରେ ଧଳା ହୋଇଥିବା କେଶ କିଛି ଦିନ ମଧ୍ୟରେ କଳା ହୋଇଥାଏ।

୨. ଅଁଳା, ରୀଠା, ଶିକାକାଇତିନୋଟିର କ୍ୱାଥ ତିଆରି କରି ଧୋଇବା ଦ୍ୱାରା କେଶ କୋମଳ, ଘନ ଏବଂ ଦୀର୍ଘ ହୋଇଥାଏ। ବ୍ରାହ୍ମୀ ଆମଲା ତେଲ ମଧ୍ୟ କେଶ ପାଇଁ ଉତ୍ତମ। ୩. ଅଁଳା ଏବଂ ଆମ୍ବ କୋଇଲିକୁ ବାଟି କେଶମୂଳରେ ଲଗାଇଲେ କେଶ ମୂଳ ଦୃଢ଼ ହେବା ସହିତ କେଶ ଲମ୍ବା ହୋଇଥାଏ। ୪. ମହର୍ଷି ଚରକ ଲେଖିଛନ୍ତି ରାଶି, ଅଁଳା, ପଦ୍ମକେଶର, ଯଷ୍ଟିମଧୁ ଚୂର୍ଣ୍ଣକୁ ମହୁରେ ଗୋଳାଇ ଶରୀରରେ ଘଷିଲେ କେଶ ପୁଷ୍ଟ ହୋଇ ବୃଦ୍ଧି ପାଇଥାଏ। ଏଥି ସହିତ ଅଁଳା ଗୁଡ ସମପରିମାଣରେ ମିଶାଇ ସେବନ କଲେ କେଶ ଉପୁଡିବା, ପାଚିବା ମଧ୍ୟ ବନ୍ଦ ହୁଏ। ତା'ସହିତ ଅଣ୍ଟାବିନ୍ଧା, ମଳକବଜ ମଧ୍ୟ ଦୂର ହୁଏ।

୫. ବାର୍ଦ୍ଧକ୍ୟ ଆକ୍ରମଣରୁ ନିଜକୁ ରକ୍ଷା କରିବା ପାଇଁ ନିୟମିତ ଅଁଳା ଚୂର୍ଣ୍ଣକୁ ଦୁଧ, ଦହି, ମହୁ, ମିଶ୍ରି ବା ଘିଅ ସହିତ ସେବନ କରିବା ଉଚିତ। 'ଗରୁଡ ପୁରାଣ' ମତରେ ଏହାକୁ ସେବନ କଲେ ଦେହର ଶୋଭା ବଢ଼େ। ବାର୍ଦ୍ଧକ୍ୟ ପ୍ରତିହତ ହୁଏ।

୬. ଅଁଳା ଚୂର୍ଣ୍ଣକୁ ଗାଈ ଘିଅ ବା ମହୁ ଅଥବା ରାଶିତେଲ ସହିତ ସେବନ କଲେ ବାକ୍ ଟୁଟା ଏବଂ ନବଯୌବନ ଲାଭ ହୁଏ। ଶରୀରର କ୍ଳାନ୍ତି ଦୂର ହୁଏ। ବୃଦ୍ଧ ଚୈବନ ଋଷି ଏହାକୁ ସେବନ କରିବା ଦ୍ୱାରା ନବଯୌବନ ଲାଭ କରିଥିଲେ।

୭. ଅଁଳା ଚୂର୍ଣ୍ଣ ସହିତ ମେଥି ଚୂର୍ଣ୍ଣ ସମଭାଗରେ ନେଇ ଦହି ସହିତ ସକାଳେ ଏବଂ ଦୁଧ ସହିତ ରାତିରେ ସେବନ କଲେ ବାର୍ଦ୍ଧକ୍ୟ ଜନିତ କ୍ଳାନ୍ତି ଦୂର ହୋଇ ଦେହ ବେଶ୍ ସୁସ୍ଥ ସବଳ ରହେ। ଭଲ ନିଦ ହୁଏ।

୮. ଅଁଳାରେ ଆଣ୍ଟିସେପ୍ଟିକ୍ ଗୁଣ ମଧ୍ୟ ରହିଛି। ସଦ୍ୟ ଘା'କୁ ଅଁଳା ସିଝା ପାଣିରେ ଧୋଇଲେ ଘା'ଗୁଡ଼ିକ ଶୀଘ୍ର ଶୁଖିଯାଏ।

୯. ପିଲାଙ୍କୁ ମିଳିମିଳା ହେଲେ କଞ୍ଚା ଅଁଳାକୁ ପାଣିରେ ସିଝାଇ ସେହି କ୍ୱାଥ ପିଲାମାନଙ୍କୁ ପିଇବାକୁ ଦେଲେ ମିଳିମିଳା ଭଲ ହୁଏ। ମିଳିମିଳା ପରେ ଯେଉଁ ନାଳରକ୍ତ ଝାଡା ଆଦି ହୁଏ , ତାହା ଆଉ ହୁଏ ନାହିଁ। ୧୦. ନିୟମିତ ଅଁଳା ସେବନ କଲେ ଫୁସ୍‌ଫୁସ୍ କ୍ଷତ ସହଜରେ ଭଲହୁଏ, ଅଁଳା ଚୂର୍ଣ୍ଣ ସହିତ ମହୁ ମିଶାଇ ଖାଇଲେ କାଶ ଏବଂ ଯକ୍ଷ୍ମା ଉଭୟ ଉପଶମ ହୁଏ।

# ଶୋଇବାର ୨ ଘଣ୍ଟା ପୂର୍ବରୁ କରନ୍ତୁ ଭୋଜନ...



ଶୋଇବା ଏବଂ ଭୋଜନ ସମୟ ମଧ୍ୟରେ କିଛି ପାର୍ଥକ୍ୟ ରହିବାର ଆବଶ୍ୟକ। ସେନେଇ ଆୟୁର୍ବେଦରେ ପରାମର୍ଶ ଦିଅ ।ଯାଇଛି। ଏଥିରେ ଅନିୟମିତତା ହେଲେ ବ୍ରେଷ୍ଟ ଓ ପ୍ରୋଷ୍ଟେଟ୍ କ୍ୟାନସର ହେବାର ଆଶଙ୍କା ରହିଥାଏ। ପ୍ରାତଃଭୋଜନ, ମଧ୍ୟାହ୍ନ ଭୋଜନ ଓ ରାତ୍ର ଭୋଜନ ଗ୍ରହଣ ସମୟରେ ନିୟନ୍ତ୍ରଣ ଅଣାଗଲେ ଅନେକ ରୋଗରୁ ମିଳିଥାଏ ମୁକ୍ତି। ତେବେ ମଧ୍ୟାହ୍ନ ଓ ରାତ୍ର ଭୋଜନ ପରେ ସ୍ନାକ୍ସ ଖାଇବାକୁ ଆୟୁର୍ବେଦରେ ବାରଣ କରାଯାଇଛି। ଖାଦ୍ୟ ଖାଇବାର ୨ ଘଣ୍ଟା ପରେ ଶୋଇଲେ ଖାଦ୍ୟ ଅଧା ହଜମ ଅବସ୍ଥାକୁ ଆସିଯାଇଥାଏ। ଏହାପରେ ଶୋଇଲେ ସ୍ୱାସ୍ଥ୍ୟ ପାଇଁ ଭଲ। ଏପରି କଲେ ମେଦବହୁଳତା ମିଳିଥାଏ ମୁକ୍ତି। ସେହିପରି ରକ୍ତଶର୍କରା ଓ କୋଲେଷ୍ଟରଲସ୍ତର ମଧ୍ୟ ସ୍ୱାଭାବିକ ହୋଇଥାଏ ବୋଲି ଆୟୁର୍ବେଦରେ ଉଲ୍ଲେଖ ରହିଛି।

**ଅନେକ ମହିଳା ହାଇହିଲ୍ ଏବଂ ଓଜନିଆ ବ୍ୟାଗ୍ ଧରି ବୁଲୁଥାନ୍ତି। କିନ୍ତୁ ଦୀର୍ଘ ସମୟ ଧରି ଏହାର ବ୍ୟବହାର କରିବା ଫଳରେ ଶାରୀରିକ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ଅଧିକ ରହିଥାଏ।**

# ବିପଦର କାରଣ ଓଜନିଆ ବ୍ୟାଗ୍ ଓ ହାଇହିଲ୍



**ବେକ ଓ କାନ୍ଧ ଦରଜ :** ଯଦି ଆପଣ ନିୟମିତ ଦୀର୍ଘ ସମୟ ଧରି ଓଜନିଆ ବ୍ୟାଗ୍ ଉଠାଉଛନ୍ତି ତେବେ ଏହା ବେକ ଯନ୍ତ୍ରଣାର କାରଣ ପାଲଟିପାରେ। ଯଦି ଦୀର୍ଘସମୟ ଧରି ଓଜନିଆ ବ୍ୟାଗ୍ ଧରିବାକୁ ବାଧ ହେଉଥାନ୍ତି ଗୋଟିଏ କାନ୍ଧରେ ଏହାକୁ ନ ଉଠାଇ ନିୟମିତ ସମୟ ବ୍ୟବଧାନରେ କାନ୍ଧ ପରିବର୍ତ୍ତନ କରନ୍ତୁ। ଏପରି କରିବା ଫଳରେ କାନ୍ଧ ଦରଜ ହ୍ରାସ ପାଇବ।

**ଗୋଇଠି ଯନ୍ତ୍ରଣା :** ହାଇହିଲ୍ ପିନ୍ଧୁଥିବା ୬୪ ପ୍ରତିଶତ ମହିଳା ଗୋଇଠି ଦରଜ ହେଉଥିବା ନେଇ ଅଭିଯୋଗ କରିଥାନ୍ତି। ଏହା ଏଙ୍କଲ ଷ୍ଟ୍ରେନ୍‌ର କାରଣ ବି ହୋଇପାରେ।

**ଅଣ୍ଟା ବ୍ୟଥା–** ହାଇହିଲ୍ ପିନ୍ଧିବା ଦ୍ୱାରା ଶରୀରର ଓଜନ ଆଣ୍ଠୁ,ଗୋଇଠି ଏବଂ ନିତମ୍ବ ଉପରେ ସଠିକ୍ ଭାବେ ପଡିନଥାଏ। ଏହା ଫଳରେ ଅଣ୍ଟା, ନିତମ୍ବ ଏବଂ ମେରୁଦଣ୍ଡ ଉପରେ ଅନାବଶ୍ୟକ ଚାପ ପଡିଥାଏ ଏବଂ ଦରଜ ମଧ୍ୟ ହୋଇଥାଏ। ହାଇହିଲ୍ ଦ୍ୱାରା ମସଲ୍‌ସ କ୍ରେମ୍ପ ହେବାର ଆଶଙ୍କା ରହିଥାଏ।

**ଆଣ୍ଠୁରୋଗ :** ମହିଳାଙ୍କ କ୍ଷେତ୍ରରେ ଅଷ୍ଟିଓପୋରୋସିସ ସମସ୍ୟା ଦ୍ୱିଗୁଣିତ ହୋଇଥାଏ। ହିଲ୍ ଯେତେ ଉଚ୍ଚା ହୋଇଥାଏ ପାଦ ଉପରେ ସେତିକି ଅଧିକ ଚାପ ପଡେ।

**ପାଦନଖ ଦରଜ :** ହାଇହିଲ୍ ପିନ୍ଧିବା ଦ୍ୱାରା ପାଦର ନଖ ଉପରେ ଚାପ ସୃଷ୍ଟି ହୋଇଥାଏ। ଅନେକ ସମୟରେ ନଖ ଠିକ୍ ଭାବେ ଆଗକୁ ବଢି ନପାରି ବଙ୍କା ହୋଇଯାଏ ଯାହା ଖୁବ୍ ଅସୁନ୍ଦର ଦେଖାଯାଏ।

# ନଡିଆ ଜଣାଇବ ବ୍ଲଡ୍‌ଗ୍ରୁପ୍

ନଡିଆ ସିନା ଶ୍ରୀଫଳ ଭାବେ ସବୁ ପୂଜାରେ ଲାଗେ ହେଲେ ଏହା ବ୍ଲଡଗ୍ରୁପ୍ ଜଣାଇବ–ବିଶ୍ୱାସ ହେଉନଥିଲେ ମଧ୍ୟ ସତ। ଛତିଶଗଡର ରାୟପୁରଠାରେ କୃଷିବିଭାଗରେ କାର୍ଯ୍ୟରତ ବି.ଡି. ଗୁହା ଆଶ୍ଚର୍ଯ୍ୟଜନକ ଭାବେ ନଡିଆରୁ ବ୍ଲଡ୍‌ଗ୍ରୁପ୍ ଚିହ୍ନଟ କରିବାର କୌଶଳ ବାହାର କରିଛନ୍ତି। କୌଣସି ବ୍ୟକ୍ତିଙ୍କୁ ଟିକେ ବି ନଛୁଇଁ ମାତ୍ର ୧୦ ସେକେଣ୍ଡ ମଧ୍ୟରେ ସେ ତାଙ୍କର ବ୍ଲଡ୍‌ଗ୍ରୁପ୍ କଥା ଜଣାଇପାରିବେ। ଖାଲି ବ୍ଲଡ୍‌ଗ୍ରୁପ୍ ନୁହେଁ, ସେ ଏହାଦ୍ୱାରା ଭରା ତଥା ଖାଲି ସିଲିଣ୍ଡର, ମାଟି ଭିତରେ କେଉଁଠି ପାଣି ଅଛି, ଭୂମିଗତ ସୁଡଙ୍ଗ ଆଦି ମଧ୍ୟ ଚିହ୍ନଟ କରିଦେଇପାରିବେ। ତେବେ ବିଭିନ୍ନ ପ୍ରକାର ବ୍ଲଡଗ୍ରୁପ୍‌ରେ ନଡିଆ କାହିଁକି ଦିଗ ପରିବର୍ତ୍ତନ କରିଥାଏ–ଏହାର ବୈଜ୍ଞାନିକ କାରଣ ଜାଣିବା ପାଇଁ ସେ ଏବେ ଗବେଷଣା ଚଳାଇଛନ୍ତି। ଚିକିତ୍ସା ବିଜ୍ଞାନ ଅନୁସାରେ ଆଠଟି ବ୍ଲଡଗ୍ରୁପ୍ ରହିଛି ଏବଂ ଏଥିରୁ ଏଥିରୁ ଏ ନେଗେଟିଭ୍, ଏବି ନେଗେଟିଭ୍ ଏବଂ ବି ନେଗେଟିଭ୍‌କୁ ଛାଡି ଅନ୍ୟ ପାଞ୍ଚଟି ଗ୍ରୁପ୍‌କୁ ନଡିଆ ଚିହ୍ନଟ କରିପାରୁଛି। ଏହି ବଳକା ତିନୋଟି ଗ୍ରୁପ୍ ମିଳିବା କଷ୍ଟକର ହୋଇଥିବାରୁ ଚିହ୍ନଟ କରିବା ନେଇ ଗବେଷଣାରେ ସମୟ ଲାଗୁଛି ବୋଲି ଗୁହା କହିଛନ୍ତି। କୌଣସି ବ୍ୟକ୍ତିଙ୍କ ମୁଣ୍ଡର ସାମାନ୍ୟ ଉପରକୁ ପାପୁଲିରେ ନଡିଆ ରଖିବେ। କିଛି ସମୟ ପରେ ନଡିଆଟି ତା'ର ଦିଗ ବଦଳାଇଦେବ। ବ୍ଲଡଗ୍ରୁପ୍ ଏ ପଜିଟିଭ୍ ହୋଇଥିଲେ ୪୫ଡିଗ୍ରୀ, ଏବି ପଜିଟିଭ୍‌ରେ ୪୫ରୁ ୫୫ ଡିଗ୍ରୀ, ବି ପଜିଟିଭ୍‌ରେ ୬୦ଡିଗ୍ରୀ ଓ ପଜିଟିଭ୍‌ରେ ୯୦ ଏବଂ ନେଗେଟିଭ୍‌ରେ ୧୮୦ ଡିଗ୍ରୀରେ ରହିଯାଏ। ଥଟ୍ଟାମଜା ଭିତରେ ଏହି ରହସ୍ୟ ଆବିଷ୍କାର କରିଥିଲେ ସେ। ଏହାର ବୈଜ୍ଞାନିକ କାରଣ ସଂପର୍କରେ ସେ ବି ଅଜ୍ଞ ବୋଲି କହନ୍ତି ଗୁହା। ଏହାର ରହସ୍ୟ ଜାଣିବା ଲାଗି ଗବେଷଣା ଚଳାଇଛନ୍ତି।



**ସମସ୍ତେ ଜାଣନ୍ତି ଲେମ୍ବୁ ସୁସ୍ଥ ଜୀବନ ପାଇଁ ବେଶ୍ ଉପକାରୀ। କିନ୍ତୁ ଏହାସହ କ୍ୟାନସର୍ ଭଳି ଦୁରାରୋଗ୍ୟ ରୋଗରୁ ରକ୍ଷା କରିବାରେ ମଧ୍ୟ ଏହା ସହାୟକ।**

# କ୍ୟାନସର୍‌ରୁ ସୁରକ୍ଷା ଦେବ ଲେମ୍ବୁ ଓ ବେକିଂ ସୋଡ଼ା!

ଆଶ୍ଚର୍ଯ୍ୟ ଲାଗୁଥିଲେ ମ...
ଏକ ନୂତନ ଗବେଷ...
ମୁତାବକ, ଲେମ୍ବୁ...
ଲି ମୋ ନି ଡ...
ଫାଇଟୋକେମିକାଲ୍ସ ରହି...
ଯାହା କ୍ୟାନସର୍ ନି...
ଗୁଣ ବହନ କରିଥ...
ଗବେଷକଙ୍କ ମ...



କ୍ୟାନସର୍ ସହ ଲଢ଼ିବାକୁ ଲେମ୍ବୁରେ ୧୨ ପ୍ରକାରର ତତ୍ତ୍ୱ ଭରପୁର୍ ରହିଛି। କେମୋଥେରାପି ଓ ନାର୍‌କୋଟିକ୍ ପ୍ରଡକ୍ଟ ତୁଳନାରେ ଲେମ୍ବୁ ହଜାର ଗୁଣା ଅଧିକ ପ୍ରଭାବଶାଳୀ। ଯଦି ଲେମ୍ବୁ ସହ ବେକିଂ ସୋଡ଼ାର ବ୍ୟବହାର କରାଯାଏ, ତେବେ ଏହି ମିଶ୍ରଣ କ୍ୟାନସର୍ ସେଲ୍ ଉପରେ ଶକ୍ତିଶାଳୀପ୍ରଭାବ ପକାଇଥାଏ। ଗବେଷଣାରୁ ଜଣାପଡ଼ିଛି, ସୋଡିୟମ୍ ବାଇକାର୍ବୋନେଟ୍ (ବେକିଂସୋଡ଼ା) ଟ୍ୟୁମର୍ ହୋଇଥିବା ସ୍ଥାନ ଓ ଏହାର ଆଖପାଖକୁ ସଂକ୍ରମଣରୁ ସୁରକ୍ଷିତ ରଖିଥାଏ। ଅର୍ଥାତ୍ ଗୋଟିଏ ଅଙ୍ଗରୁ ଅନ୍ୟଟିକୁ ବ୍ୟାପିବାରେ ରୋକିଥାଏ। ଗବେଷକଙ୍କ ଅନୁସାରେ, ଯଦି ଭୋଜନରେ ପ୍ରତିଦିନ ଲେମ୍ବୁ ଓ ବେକିଂ ସୋଡ଼ାର ମିଶ୍ରଣକୁ ଏକସଙ୍ଗେ ଗ୍ରହଣ କରାଯାଏ, ତେବେ ପାଚନକ୍ରିୟା ଠିକ୍ ରହିଥାଏ। ଉତ୍ତମ ପରିଣାମ ପାଇଁ ୧ଚାମଚ ବେକିଂସୋଡ଼ା, ଗୋଟିଏ ଲେମ୍ବୁର ରସ ଓ ୨୪୦ ମି.ଲି. ସିଝା ପାଣିରେ ମିଶ୍ରଣ ପ୍ରସ୍ତୁତ କରି ଦିନକୁ ୩ ଥର ଦିଅନ୍ତୁ। ଏହା ଆପଣଙ୍କ ଶରୀରକୁ ସୁରକ୍ଷିତ ରଖିବାରେ ବେଶ୍ ସହାୟକ ହେବ।

# କ୍ଷତିକାରକ ଧୂପ ଧୂଆଁ



ବ୍ରିଟିଶ୍ ଯକୃତ ଫାଉଣ୍ଡେସନ୍‌ର ବୈଜ୍ଞାନିକଗଣ ପ୍ରକାଶ କରିଛନ୍ତି ଯେ ସିଗାରେଟ୍ ଧୂଆଁଠାରୁ ଧୂପବତିର ଧୂଆଁ ଅଧିକ କ୍ଷତିକାରକ। ସୁଗନ୍ଧିତ ଧୂପରୁ ବାହାରୁଥିବା ଧୂଆଁ ଆମ କୋଷିକାରେ ଥିବା ଡିଏନ୍ଏରେ ପରିବର୍ତ୍ତନ ହୁଏ। ଏପରିକି ଧୂପର ବାସ୍ନାକୁ ଆଘ୍ରାଣ ଦ୍ୱାରା କର୍କଟ ରୋଗ ହେବାର ସମ୍ଭାବନା ରହିଛି। ଏହାର ପରୀକ୍ଷା ନିମନ୍ତେ ଗବେଷକଗଣ ଏକପ୍ରକାର ଛୋଟ ମୂଷାଙ୍କ ଉପରେ ପ୍ରୟୋଗ ଆରମ୍ଭ କରିଥିଲେ। ୩ ମାସ ମଧ୍ୟରେ ମୂଷାଙ୍କ ସ୍ଥିତି ଅତ୍ୟନ୍ତ ଜଟିଳ ହୋଇଥିଲା। ଧୂପ ବାସ୍ନାକୁ ଆଘ୍ରାଣ କରିବା ଦ୍ୱାରା ତାହାର ବାସ୍ନା ଯକୃତ ଉପରେ ହିଁ ପ୍ରଭାବ ପକାଇଥାଏ। ଯକୃତ କର୍କଟ ହେବାର ସମ୍ଭାବନା ସବୁଠୁ ଅଧିକ। ଜାପାନରେ ମିଳୁଥିବା ବିଶ୍ୱର ସବୁଠୁ ଦାମୀ ଧୂପ ଏହି ପରୀକ୍ଷା ପାଇଁ ବ୍ୟବହାର କରାଯାଇଥିଲା।

# ବାୟୁ ପ୍ରଦୂଷଣ ବଢ଼ାଉଛି ଗର୍ଭପାତ ଆଶଙ୍କା



ବାୟୁ ପ୍ରଦୂଷଣ ସଂସ୍ପର୍ଶରେ କିଛି ସମୟ ପାଇଁ ଆସିଲେ, ଗର୍ଭପାତ ଆଶଙ୍କା ବଢୁଥିବା ଗବେଷଣାରୁ ଜଣାପଡ଼ିଛି। ଏକ ସଦ୍ୟ ଗବେଷଣାରୁ ଜଣାପଡ଼ିଛି, ବାୟୁ ପ୍ରଦୂଷଣ ଯୋଗୁ ଆଜ୍‌ମାଠୁ ନେଇ ସମୟପୂର୍ବ ପ୍ରସବ ପର୍ଯ୍ୟନ୍ତ ସମସ୍ୟା ବଢ଼ିବାରେ ଲାଗିଛି। ଏହାସହ ଗବେଷଣାରେ ବାୟୁ ପ୍ରଦୂଷଣ ଯୋଗୁ ଶରୀରରେ ହେଉଥିବା ବିଭିନ୍ନ ପ୍ରକାର ଖରାପ ପ୍ରଭାବକୁ ଯୋଡ଼ି ନିଷ୍କର୍ଷ ବାହାର କରିଛନ୍ତି। ଆମେରିକାର ୟୁଟା ବିଶ୍ୱବିଦ୍ୟାଳୟର ଗବେଷକମାନେ ଜାଣିବାକୁ ପାଇଛନ୍ତି, ୟୁଟାର ଅଧିକାଂଶ ଗର୍ଭବତୀ ମହିଳା ବାୟୁପ୍ରଦୂଷଣ ସଂସ୍ପର୍ଶରେ ଆସିବା ଫଳରେ ସେମାନଙ୍କ ଗର୍ଭପାତ ଆଶଙ୍କା ୧୬ ପ୍ରତିଶତ ବୃଦ୍ଧି ପାଇଥିଲା। ୨୦୦୭ ରୁ ୨୦୧୫ ମଧ୍ୟରେ କରାଯାଇଥିବା ଗବେଷଣାରେ ୧୩୦୦ ମହିଳାଙ୍କୁ ସାମିଲ କରାଯାଇଥିଲା; ଯେଉଁମାନେ ଗର୍ଭପାତ ପରେ ଚିକିତ୍ସା ପାଇଁ ଜରୁରୀକାଳୀନ ବିଭାଗରେ ଥିଲେ। ଗବେଷକ ଦଳ ଏହି ସମୟରେ ସେମାନଙ୍କ ଗର୍ଭପାତର ପ୍ରମୁଖ କାରଣ ଜାଣିବାକୁ ବିଭିନ୍ନ ପ୍ରକାରର ପ୍ରୟାସ ଚଳାଇଥିଲେ। କିନ୍ତୁ ଶେଷ ମୁହୂର୍ତ୍ତରେ ବାୟୁ ପ୍ରଦୂଷଣ ଏହାର ପ୍ରମୁଖ କାରଣ ଥିବା ଜାଣିବାକୁ ପାଇଥିଲେ।

# ଘୁଙ୍ଗୁଡ଼ି ମାରୁଥିଲେ ସାବଧାନ!



**ଦେଖାଯାଏ ବହୁତ ଲୋକ ଗାଢ଼ ନିଦରେ ଶୋଇଲା ପରେ ଘୁଙ୍ଗୁଡ଼ି ମାରିଥାନ୍ତି। ଏହା ଅନ୍ୟର ନିଦ୍ରାରେ ବ୍ୟାଘାତ ସୃଷ୍ଟି କରିବା ସହିତ ଶାରୀରିକ ଅସୁସ୍ଥତାର କାରଣ ମଧ୍ୟ ହୋଇଥାଏ। କେବଳ ଯେ ପ୍ରାପ୍ତ ବୟସ୍କମାନେ ଘୁଙ୍ଗୁଡ଼ି ମାରିଥାନ୍ତି ତା' ନୁହେଁ ଶିଶୁମାନେ ମଧ୍ୟ ଘୁଙ୍ଗୁଡ଼ି ମାରିଥାନ୍ତି।**

- ସାଧାରଣତଃ ଶୁଖିଲା ପବନ ସେବନ ଦ୍ୱାରା ଘୁଙ୍ଗୁଡ଼ି ଆସିଥାଏ। ଘରେ ଯେତେବେଳେ ଶୁଷ୍କ ହାଓ୍ୱା ଥାଏ ଏହାର ପ୍ରଭାବରେ ଶ୍ୱାସନଳୀ ଓ ପର୍ଦ୍ଦା ଶୁଖିଯାଏ। ନିଃଶ୍ୱାସ ନେବାରେ କଷ୍ଟ ହୋଇଥାଏ। ଯଦ୍ୱାରା ନାକରୁ ଘୁଙ୍ଗୁଡ଼ିର କର୍କଶ ଶବ୍ଦ ଶୁଭିଥାଏ।
- ଶରୀରର ଓଜନ ବୃଦ୍ଧି ଘୁଙ୍ଗୁଡ଼ିର ଅନ୍ୟ ଏକ କାରଣ। ଓଜନ ବଢ଼ିଲେ ଶ୍ୱାସନଳୀରେ ଏହାର ଆନୁଷଙ୍ଗିକ ପ୍ରଭାବ ପଡ଼ିଥାଏ। ତେଣୁ ଶରୀରର ମେଦ ବୃଦ୍ଧିକୁ ନିୟନ୍ତ୍ରଣ କରିବା ଉଚିତ୍।
- ଧୂମପାନ କରିବା ଦ୍ୱାରା ଫୁସଫୁସ ସଂକ୍ରମିତ ହୋଇଥାଏ। ଏହି କାରଣରୁ ଘୁଙ୍ଗୁଡ଼ି ହୋଇଥାଏ।

## ଶିଶୁ ବି ମାରିଥାନ୍ତି ଘୁଙ୍ଗୁଡ଼ି

- ଶୋଇବାବେଳେ ଅଧିକାଂଶ ସମୟ ଘୁଙ୍ଗୁଡ଼ି ମାରିବା, ଶ୍ୱାସପ୍ରଶ୍ୱାସରେ କଷ୍ଟ ଅନୁଭବ କରିବା ଶିଶୁ ପାଇଁ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ପ୍ରତି ଇଙ୍ଗିତ କରିଥାଏ। ଏମାନଙ୍କଠାରେ ଭବିଷ୍ୟତରେ ଉଦ୍‌ବେଗତା, ଅବସାଦଗ୍ରସ୍ତ ହେବାର ଲକ୍ଷଣ, କମ୍ ବୋଧଶକ୍ତି, ସ୍ମରଣଶକ୍ତି ହ୍ରାସ ପାଇବା ପରି ସମସ୍ୟା ଦେଖାଯାଇଥାଏ।
- ରକ୍ତରେ ଅମ୍ଳଜାନସ୍ତର କମିଲେ ନିଃଶ୍ୱାସ ପ୍ରଶ୍ୱାସ ନେବାରେ ବାଧା ଉତ୍ପନ୍ନ ହୁଏ ଓ ଘୁଙ୍ଗୁଡ଼ି ଆସିଥାଏ।

**ଘୁଙ୍ଗୁଡ଼ି ଦୂର କରିବେ କିପରି? ଶୋଇବା ପୂର୍ବରୁ ଗରମ କ୍ଷୀରରେ ୨ ଚାମଚ ହଳଦୀ ମିଶାଇ ପିଅନ୍ତୁ। ଭଲ ନିଦ ହେବ ଏବଂ ଘୁଙ୍ଗୁଡ଼ି ହେବ ନାହିଁ।**




# ଭାରତ ଦକ୍ଷତା ପ୍ରତିଯୋଗିତା ବିଜେତାଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର ,(ସଂଦେଶ ବ୍ୟୁରୋ): ଜିତିବା ଏକ ଅଭ୍ୟାସ, ସେହିଭଳି ଉତ୍କର୍ଷତା ହାସଲ କରିବା। ମୋର ବିଶ୍ୱାସ ଯେ ଆମ ପିଲାମାନେ ଏବେ ଉତ୍କୃଷ୍ଟ ହେବା, ଦୁନିଆର ସର୍ବଶ୍ରେଷ୍ଠ ପ୍ରତିଯୋଗୀଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରି ଜିତିବା ଅଭ୍ୟାସରେ ପରିଣତ କରିଦେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି।

ଲୋକସେବା ଭବନ କନଭେନସନ୍ ସେଣ୍ଟର ଠାରେ ଭାରତ ଦକ୍ଷତା ପ୍ରତିଯୋଗିତାର ବିଜେତାମାନଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ ମୁଖ୍ୟମନ୍ତ୍ରୀ ପ୍ରତିଯୋଗୀମାନଙ୍କୁ ପ୍ରଶଂସା କରିବା ସହ କହିଛନ୍ତି ଯେ ଆସନ୍ତା ଅକ୍ଟୋବରରେ ଚୀନ୍‌ର ସାଂଘାଇରେ ହେବାକୁ ଥିବା ବିଶ୍ୱ ଦକ୍ଷତା ପ୍ରତିଯୋଗିତା ପାଇଁ ପ୍ରତିଯୋଗୀମାନଙ୍କୁ ସବୁ ପ୍ରକାରର ଶ୍ରେଷ୍ଠ ତାଲିମ୍ ଦିଆଯିବ। ବିଜେତାମାନଙ୍କୁ ବିଜୁ ପଟ୍ଟନାୟକ ଦକ୍ଷତା ସମ୍ମାନରେ ସମ୍ମାନିତ କରାଯିବ। ମୁଖ୍ୟମନ୍ତ୍ରୀ ଏହି ସମ୍ମାନର ପୁରସ୍କାର ରାଶି ବଢ଼ାଇବା ନେଇ ଘୋଷଣା କରିବା ସହ କହିଛନ୍ତି ଯେ ଯେଉଁମାନେ ସ୍ୱର୍ଣ୍ଣ ପଦକ ଜିତିବେ ତାଙ୍କୁ ୧କୋଟି, ରୌପ୍ୟ ପଦକ ବିଜେତାଙ୍କୁ ୫୦ଲକ୍ଷ, କାଂସ୍ୟ ପଦକ ବିଜେତାଙ୍କୁ ୨୫ଲକ୍ଷ ଟଙ୍କା ପ୍ରଦାନ କରାଯିବ। ଯେଉଁ ସଂସ୍ଥାରୁ ଏହି ବିଜେତା ଆସିଥିବେ ଉକ୍ତ ଅନୁଷ୍ଠାନରେ ବିଜୁ ପଟ୍ଟନାୟକ ସେଣ୍ଟର ଅଫ୍ ଏକ୍ସଲେନ୍ସ ନିର୍ମାଣ କରିବା ପାଇଁ ୫କୋଟି ଟଙ୍କା ପ୍ରଦାନ କରାଯିବ।

ସାଂଘାଇ ଯିବାକୁ ଥିବା ପ୍ରତିଯୋଗୀଙ୍କୁ ମୁଖ୍ୟମନ୍ତ୍ରୀ ଉତ୍ସାହିତ କରି ୨-୩-୪ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। କହିଛନ୍ତି ଯେ ଆମେ ଦେଶ ପାଇଁ ଓଡ଼ିଆ ପିଲା ୨ଟି ସ୍ୱର୍ଣ୍ଣ, ୩ଟି ରୌପ୍ୟ, ୪ଟି କାଂସ୍ୟ ପଦକ ଆଣିବେ ବୋଲି ଲକ୍ଷ୍ୟ ରଖିଛୁ। ତେଣୁ ଏହି ସ୍ୱପ୍ନକୁ ବାସ୍ତବରେ ପରିଣତ କରିବାକୁ ହେଲେ ଆଜିଠାରୁ ଆପଣମାନେ 'ସାଂଘାଇ ମୋ ମନରେ, ଭାରତ ମୋ ହୃଦୟରେ' ରଖି ପ୍ରସ୍ତୁତି କରିବେ।

# ଜାତୀୟ ପ୍ରତିଯୋଗିତା ପାଇଁ ୨୪ ଜଣିଆ ଓଡିଶା ଭଲିବଲ ଦଳ



## ୨୪ତମ ଜାତୀୟ ଭଲିବଲ ପ୍ରତିଯୋଗିତା

ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଚଳିତ ମାସ ୧୦ରୁ ୧୫ ତାରିଖ ପର୍ଯ୍ୟନ୍ତ ମହାରାଷ୍ଟ୍ରର ସାଙ୍ଗଲିସ୍ଥିତ ଇସ୍‌ଲାମପୁରଠାରେ ୨୪ତମ ଜାତୀୟ ଭଲିବଲ ପ୍ରତିଯୋଗିତା ଆୟୋଜିତ ହେବ। ଏଥିପାଇଁ ଓଡିଶା ଦଳ ଶନିବାର ବଛାଯାଇଛି। କିଟ୍ ବିଶ୍ୱବିଦ୍ୟାଳୟରେ ଆୟୋଜିତ ପ୍ରଶିକ୍ଷଣ ଶିବିର ଶେଷରେ ମୋଟ ୨୪ ଜଣ ଖେଳାଳିଙ୍କ ନାମ ଘୋଷଣା କରାଯାଇଛି। ଉଭୟ ବାଳକ ଓ ବାଳିକା ଦଳରେ ୧୨ ଜଣ ଲେଖାଏଁ ଖେଳାଳି ସ୍ଥାନ ପାଇଥିଲା ବେଳେ ୪ ଜଣ ଅଧିକାରୀଙ୍କୁ ମନୋନୀତ କରାଯାଇଛି।

ବାଳକ ଦଳ: ସମୀର ରଞ୍ଜନ ପାଲ (ଅଧିନାୟକ), ରାଜୁ ପଟ୍ଟନାୟକ, ଅମିତ ପରିଡା, ଶ୍ରୀତମ ବେହେରା, ସୁବ୍ରତ ବେହେରା, ଗୋବିନ୍ଦ ପ୍ରସାଦ ବାରିକ୍, ଆକାଶ ପାତ୍ର, ସୁନିଲ କୁମାର ଧଳ, ବିକେ ସାହୁ, ଶକ୍ତିରଞ୍ଜନ ମଲ୍ଲିକ, ସୁଇଫ୍ ଖାନ୍, ଦେବାଶିଷ ପୃଷ୍ଟି। ମୁଖ୍ୟ ପ୍ରଶିକ୍ଷକ: ଆଶୁତୋଷ ପାତ୍ର, ସହକାରୀ ପ୍ରବନ୍ଧକ: ନାରାୟଣ ସାହୁ।

ବାଳିକା ଦଳ: ପାର୍ବତୀ ଗଦ୍‌ବା (ଅଧିନାୟିକା), ରୋଜାଲିନ ଆଦିଆ, ରୁଚିସ୍ମିତା ସାହୁ, ମନୋରମା ବେହେରା, ସୁଚିସ୍ମିତା ଦିଣ୍ଡା, ବି ଅନିଷା, ସରୋଜିନୀ ସାମଲ, ରିଙ୍କି କୀର୍ଷାନି, ପାୟଲ କାଣ୍ଡି, ଲକ୍ଷ୍ମିପ୍ରୀୟା ରାଉତ, ସୃଷ୍ଟି ଥାପା, ଲିପ୍ସାରାଣୀ ମିଶ୍ର। ମୁଖ୍ୟ ପ୍ରଶିକ୍ଷକ: ଗୋବିନ୍ଦ ଚନ୍ଦ୍ର ସାହୁ, ପ୍ରବନ୍ଧକ: ଦିୟା ମଜୁମଦାର।

# ଚିକିତ୍ସାଳୟ ପାଇଁ ୧୦ ୱିକେଟ୍ ଜର୍ସିକୁ ନିଲାମ କରିବେ ଏଜାଜ




ୱେଲିଂଟନ : ଅକ୍‌ଲାଣ୍ଡରେ ଏକ ଚିକିତ୍ସାଳୟ ନିର୍ମାଣ ଲାଗି ପାଣ୍ଠି ଯୋଗାଡ ପାଇଁ ନ୍ୟୁଜିଲାଣ୍ଡ ସ୍ପିନର ଏଜାଜ ପଟେଲ ଗତ ଡିସେମ୍ବରରେ ଭାରତ ବିପକ୍ଷ ମୁମ୍ବାଇ ଟେଷ୍ଟରେ ୧୦ ୱିକେଟ୍ ନେଇଥିବା ବେଳେ ପରିଧାନ କରିଥିବା ଜର୍ସିକୁ ନିଲାମ କରିବେ। ଏହି ଟେଷ୍ଟରେ ଏଜାଜ ଗୋଟିଏ ପାଳିରେ ସମସ୍ତ ୧୦ ୱିକେଟ୍ ଅକ୍ତିଆର କରିଥିଲେ। ବିଶ୍ୱର ତୃତୀୟ ବୋଲର ଭାବେ ସେ ଏହି ସଫଳତା ପାଇଥିଲେ। ତାଙ୍କ ପୂର୍ବରୁ ଇଂଲଣ୍ଡ ସ୍ପିନର ଜିମ ଲେକର ଏବଂ ଭାରତୀୟ ଲେଗ୍‌ସ୍ପିନର ଅନିଲ କୁମ୍ବଲେ ଗୋଟିଏ ପାଳିରେ ୧୦ ଲେଖାଏଁ ୱିକେଟ୍ ନେଇଥିଲେ। ''ନ୍ୟୁଜିଲାଣ୍ଡ ଜାତୀୟ ଶିଶୁ ଚିକିତ୍ସାଳୟର ଷ୍ଟାରସିପ ରେଡିଓଲୋଜି ବିଭାଗରେ ଏହି ନିଲାମ ଅର୍ଥ ଖର୍ଚ୍ଚ କରାଯିବ। ଏହା ମୋ ପାଇଁ ଏକ ସ୍ୱତନ୍ତ୍ର ଦିବସ, ଏହି ଟ୍ରେଡ୍‌ମାର୍କ ଟି-ସାର୍ଟ ନିଲାମରୁ ଅଧିକରୁ ଅଧିକ ପାଣ୍ଠି ଯୋଗାଡ ହୋଇପାରିବ ବୋଲି ମୋର ଆଶା। ପିଲାମାନେ ଏବଂ ତାଙ୍କ ଅଭିଭାବକମାନେ ଏହାର ଲାଭ ଉଠାଇପାରିବେ'' ବୋଲି ଏଜାଜ ନିଜ ଇନ୍‌ଷ୍ଟାଗ୍ରାମ ପୃଷ୍ଠାରେ ଉଲ୍ଲେଖ କରିଛନ୍ତି। ନିଲାମ ପାଇଁ ରଖାଯାଇଥିବା ଏହି ଜର୍ସିରେ ଭାରତ ଗସ୍ତରେ ଆସିଥିବା ଦଳର ସମସ୍ତ ସଦସ୍ୟଙ୍କ ଦସ୍ତଖତ ରହିଛି।

## ଭୁବନେଶ୍ୱରରେ ଇଣ୍ଡିଆନ୍ ଗ୍ରାଁ ପ୍ରି

ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଓଡିଶା ଦୌଡକୁଦ ଦୁନିଆ ପାଇଁ ଶନିବାର ଆଉ ଏକ ଖୁସି ଖବର ଆସିଛି। ଭାରତୀୟ ଦୌଡକୁଦ ମହାସଂଘ (ଏଏଫଆଇ) ଏବଂ ଓଡିଶା ଦୌଡକୁଦ ସଂଘ (ଓଏଏ) ମିଳିତ ଆନୁକୂଲ୍ୟରେ ଇଣ୍ଡିଆନ୍ ଗ୍ରାଁ ପ୍ରିର ଦୁଇଟି ଚରଣ କଳିଙ୍ଗ ଷ୍ଟାଡିୟମ୍‌ରେ ଖେଳାଯିବ। ଚଳିତ ମେ' ମାସ ୨୧ ତାରିଖରେ ଇଣ୍ଡିଆନ୍ ଗ୍ରାଁ ପ୍ରି-୩ ଏବଂ ମେ' ୨୪ରେ ଇଣ୍ଡିଆନ୍ ଗ୍ରାଁ ପ୍ରି-୪ ଅନୁଷ୍ଠିତ ହେବ ବୋଲି ଓଡିଶା ସରକାରଙ୍କ କ୍ରୀଡା ବିଭାଗ ଟ୍ୱିଟର୍ ଆକାଉଣ୍ଟ୍ ଓଡିଶା ସ୍ପୋର୍ଟସ ସୂଚନା ଦେଇଛି। ଏହି ଦୁଇ ବଡ ପ୍ରତିଯୋଗିତାରେ ଦୁଇ ଥର ଅଲିମ୍ପିକ୍ସ ପ୍ରତିନିଧିତ୍ୱ କରିଥିବା ଦୂତି ଚାନ୍ଦଙ୍କ ସହ ଆଉ କିଛି ରାଜ୍ୟ ଖେଳାଳିଙ୍କ ଅଂଶଗ୍ରହଣର ସମ୍ଭାବନା ରହିଛି।

# ଜୁଲାଇ ୧୮ରୁ ଭାରତର ୱେଷ୍ଟଇଣ୍ଡିଜ୍ ଗସ୍ତ




ମୁମ୍ବାଇ : ଭାରତୀୟ କ୍ରିକେଟ୍ ଦଳ ଜୁଲାଇ ୧୮ ତାରିଖରୁ ୱେଷ୍ଟଇଣ୍ଡିଜ ଗସ୍ତ କରି ୮ ମ୍ୟାଚ୍ ବିଶିଷ୍ଟ ଦୁଇଟି ଧଳାବଲ୍ ଶୃଙ୍ଖଳା ଖେଳିବ। ଏହା ମଧ୍ୟରେ ୩ଟି ଦିନିକିଆ ଏବଂ ୫ଟି ଟ୍ୱେଣ୍ଟି-୨୦ ସାମିଲ ରହିଛି। ଜୁଲାଇ ୨୨, ୨୪ ଓ ୨୭ ତାରିଖରେ ତ୍ରିନିଦାଦର କୁଇନ୍ସ ପାର୍କ ଓଭାଲରେ ଦିନିକିଆ ମ୍ୟାଚ୍‌ସବୁ ଖେଳାଯିବ। ଜୁଲାଇ ୨୯ ତାରିଖରେ ନବ ନିର୍ମିତ ବ୍ରାଏନ୍ ଚାର୍ଲସ ଲାରା ଷ୍ଟାଡିୟମରେ ପ୍ରଥମ ଟ୍ୱେଣ୍ଟି-୨୦ ଖେଳାଯିବା ପରେ ପରବର୍ତ୍ତୀ ୨ ଟ୍ବେଣ୍ଟି-୨୦ ସେଣ୍ଟ କିଟ୍ସ ଓ ନେଭିସ୍‌ର ୱାର୍ଣ୍ଣର ପାର୍କରେ ଅଗଷ୍ଟ ୧ ଓ ୨ ତାରିଖରେ ଖେଳାଯିବ। ଏହା ପରେ ଉଭୟ ଦଳ ଆମେରିକାର ଫ୍ଲୋରିଡା ଗସ୍ତ କରି ଫୋର୍ଟ ଲେଡରଡେଲ୍‌ରେ ଅଗଷ୍ଟ ୬ ଓ ୭ ତାରିଖରେ ଶେଷ ଦୁଇ ଟ୍ୱେଣ୍ଟି-୨୦ ଖେଳିବେ। ତେବେ ଆମେରିକା ଚରଣ ଲାଗି ସେଠାକାର ସରକାର ଏବେ ମଧ୍ୟ ଅନୁମତି ପ୍ରଦାନ କରିନଥିବାରୁ ଚୂଡାନ୍ତ ଖେଳସୂଚୀ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇନାହିଁ। ଏହି ଗସ୍ତ ପୂର୍ବରୁ ଭାରତୀୟ ଦଳ ଆୟର୍ଲାଣ୍ଡ୍ ଓ ଇଂଲଣ୍ଡ ଗସ୍ତ କରିବ। ଜୁନ୍ ୨୬ ଓ ୨୮ରେ ଆୟର୍ଲାଣ୍ଡ ବିପକ୍ଷରେ ୨ ଦିନିକିଆ ଖେଳିବା ପରେ ଇଂଲଣ୍ଡ ବିପକ୍ଷରେ ଗୋଟିଏ ଟେଷ୍ଟ (ଗତବର୍ଷର ଅସମ୍ପୂର୍ଣ୍ଣ ଶୃଙ୍ଖଳାର) ସହିତ ୩ ଲେଖାଏଁ ଟ୍ୱେଣ୍ଟି-୨୦ ଓ ଦିନିକିଆ ଖେଳିବ।

# ଡ୍ରଗ୍ ପରୀକ୍ଷାରେ ବିଫଳ ହେଲେ ଡିସ୍‌କସ ଫିଙ୍ଗାଳି କମଲପ୍ରୀତ୍




ନୂଆଦିଲ୍ଲୀ: ପ୍ରମୁଖ ଭାରତୀୟ ଡିସ୍‌କସ ଫିଙ୍ଗାଳି କମଲପ୍ରୀତ୍ କୌର ଡ୍ରଗ୍ ପରୀକ୍ଷାରେ ବିଫଳ ହୋଇଛନ୍ତି। ସେ ନିଷିଦ୍ଧ ଔଷଧ (ଷ୍ଟେନୋଜୋଲୋଲ) ସେବନ କରିଥିବା ପ୍ରମାଣ ମିଳିଛି। ଯାହାକି ବିଶ୍ୱ ଆଥ୍‌ଲେଟିକ୍ସ ଆଣ୍ଟି ଡୋପିଂ ନିୟମର ଉଲଂଘନ କରିଥିଲା। ଏହି ଦୃଷ୍ଟିରୁ ଆଥ୍‌ଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍ (ଏଆଇୟୁ) ଦ୍ୱାରା ତାଙ୍କୁ ସାମୟିକ ଭାବେ ନିଲମ୍ବିତ କରାଯାଇଛି। ଯଦି ସେ ଦୋଷୀ ସାବ୍ୟସ୍ତ ହୁଅନ୍ତି ତାହାଲେ ସର୍ବାଧିକ ୪ ବର୍ଷ ପର୍ଯ୍ୟନ୍ତ ବାସନ୍ଦ ହେବେ ବୋଲି ବିଶ୍ୱ ଆଥ୍‌ଲେଟିକ୍ ସଂଘ ବୁଧବାର ଟ୍ୱିଟ୍ କରିଛି। ୨୬ ବର୍ଷ ବୟସ୍କା ପଞ୍ଜାବୀ ମହିଳା କମଲପ୍ରୀତ୍‌ଙ୍କୁ ଏଆଇୟୁ ଦ୍ୱାରା ନୋଟିସ ଜାରି କରାଯାଇଛି। ଏହାର ତଦନ୍ତ ପାଇଁ ମଧ୍ୟ ବିଶ୍ୱ ସଂଘ ଏକ ସ୍ୱତନ୍ତ୍ର କମିଟି ଗଠନ କରିଛି। ଗତବର୍ଷ କମଲପ୍ରୀତ୍‌ଙ୍କ ଅଚାନକ ଉତ୍‌ଥାନ ଭୂକୁଞ୍ଚନ ସୃଷ୍ଟି କରିଥିଲା। ସେ ଟୋକିଓ ଅଲିମ୍ପିକ୍ସରେ ଷଷ୍ଠ ସ୍ଥାନରେ ଅଭିଯାନ ଶେଷ କରିଥିଲା ବେଳେ ଆହତ ଯୋଗୁଁ ଫେଡେରେସନ୍ କପ୍ ଆଥଲେଟିକ୍ସ ଚାମ୍ପିଅନ୍‌ସିପ୍‌ରୁ ଓହରି ଯାଇଥିଲେ। କିନ୍ତୁ ମାର୍ଚ୍ଚ ୨୩ରେ ତିରୁଅନନ୍ତପୁରମ୍‌ରେ ଆୟୋଜିତ ଇଣ୍ଡିଆନ୍ ଗ୍ରାଁ ପ୍ରିରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଗତବର୍ଷ ମଧ୍ୟ ସେ ଜାତୀୟ କୀର୍ତ୍ତିମାନ (୬୫.୦୬ ମିଟର) ପ୍ରତିଷ୍ଠା କରିଥିଲେ। ହେଲେ ସେ କୌଣସି ନିଷିଦ୍ଧ ଔଷଧ ସେବନ କରିଥିବା କଥାକୁ ପୂର୍ବରୁ ଅସ୍ୱୀକାର କରିଆସୁଥିଲେ। ଏପରିକି ତାଙ୍କ ପରୀକ୍ଷା ରିପୋର୍ଟ ପଜିଟିଭ୍‌କୁ ମଧ୍ୟ ଗ୍ରହଣ କରୁନଥିଲେ।




# ଦୁହେଁ ଦୁହିଁଙ୍କୁ ଡେଟିଂ ଆରମ୍ଭ କଲେଣି



ଗତ କିଛି ବର୍ଷ ହେଲାଣି ବଲିଉଡ ଅଭିନେତ୍ରୀ ମଲାଇକା ଆରୋରା ଏବଂ ବଲିଉଡ ଅଭିନେତା ଅର୍ଜୁନ କପୁର ପରସ୍ପରକୁ ଡେଟ୍ କରୁଛନ୍ତି। ଉଭୟଙ୍କ ବିବାହକୁ ନେଇ ଅନେକ କଳ୍ପନାଜଳ୍ପନା କରାଯାଇଛି, ହେଲେ ପ୍ରତ୍ୟେକ ଥର ଉଭୟ ବିବାହ କରିବାକୁ ଯୋଜନା କରିନଥିବା କହିଆସିଛନ୍ତି। ଏହା ସହ ଉଭୟ ମଲାଇକା ଏବଂ ଅର୍ଜୁନ କହିସାରିଛନ୍ତି ଯେ ସେମାନେ ନିଜ ସମ୍ପର୍କରେ ଖୁସି ଅଛନ୍ତି ଏବଂ ବିବାହ କରିବାକୁ ଯୋଜନା କରୁନାହାନ୍ତି। ତେବେ ମଲାଇକା ଆରୋରା ଏବେ ଦେଇଥିବା ସାକ୍ଷାତକାର ଶୁଣିବା ପରେ ଲାଗୁଛି ଯେ ସେ ଅର୍ଜୁନ କପୁରଙ୍କ ସହ ବିବାହ ଯୋଜନା କରୁଛନ୍ତି।

ଜାତୀୟ ଗଣମାଧ୍ୟମକୁ ସାକ୍ଷାତକାର ଦେଇ ସେ କହିଛନ୍ତି ଯେ, ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆମେ ଭବିଷ୍ୟତରେ ଏକାଠି ରହିବାକୁ ଚାହୁଁଛୁ। ଅର୍ଜୁନଙ୍କ ସହ ମୋର ସଂପର୍କ ମୋ ପାଇଁ ପବିତ୍ର ଏବଂ ଗୁରୁତ୍ୱପୂର୍ଣ୍ଣ। ଆମେ ପରସ୍ପରକୁ ବହୁତ ଭଲ ଭାବରେ ବୁଝୁ। ଗୋଟେ ସଂପର୍କରେ ରହିବା ପରେ ସମସ୍ତଙ୍କୁ ସକାରାତ୍ମକ ଏବଂ ସୁରକ୍ଷିତ ଅନୁଭବ ହେବା ଜରୁରୀ। ଅର୍ଜୁନଙ୍କ ସହ ରହି ମୁଁ ବହୁତ ଖୁସି ଏବଂ ସକାରାତ୍ମକ ଅଛି। ଅର୍ଜୁନ ମୋତେ ଆତ୍ମବିଶ୍ୱାସ ଏବଂ ସୁରକ୍ଷା ଦେଇଛନ୍ତି। ମୁଁ ତାଙ୍କ ସହ ମୋର ଶେଷ ସମୟ ପର୍ଯ୍ୟନ୍ତ ରହିବାକୁ ଚାହୁଁଛି। ଆମେ ଏବେ ଆଗକୁ କେଉଁ ପଦକ୍ଷେପ ନେବୁ ସେ ବିଷୟରେ ଚିନ୍ତା କରୁଛୁ। ତାଙ୍କର ଏଭଳି ପ୍ରତିକ୍ରିୟା ପରେ ଖୁବ ଶୀଘ୍ର ମଲାଇକା ଏବଂ ଅର୍ଜୁନ ବିବାହ ବନ୍ଧନରେ ବାନ୍ଧି ହୋଇପାରନ୍ତି ବୋଲି କୁହାଯାଉଛି।

# 'କଶ୍ମୀର ଫାଇଲ'କୁ ବାତିଲ କଲା ପ୍ରେସ୍ କ୍ଲବ୍ ଅଫ୍ ଇଣ୍ଡିଆ

'କଶ୍ମୀର ଫାଇଲ'ର ନିର୍ଦ୍ଦେଶକ ବିବେକ ଅଗ୍ନିହୋତ୍ରୀ ତାଙ୍କ ସାମ୍ବାଦିକ ସମ୍ମିଳନୀ ପାଇଁ ନୂତନ ସ୍ଥାନ ଘୋଷଣା କରିବା ପୂର୍ବରୁ ତାଙ୍କ ବିବାଦୀୟ ଚଳଚ୍ଚିତ୍ର ଉପରେ ଏକ ସାମ୍ବାଦିକ ସମ୍ମିଳନୀକୁ 'ଅଗଣତାନ୍ତ୍ରିକ' ଭାବରେ ପ୍ରେସ୍ କ୍ଲବ୍ ଅଫ୍ ଇଣ୍ଡିଆ ଏବଂ ବିଦେଶୀ ସମ୍ବାଦଦାତା କ୍ଲବ ବାତିଲ କରିଦେଇଥିବା ଅଭିଯୋଗ କରିଛନ୍ତି। ଏ ପରିସ୍ଥିତିରେ ନିର୍ଦ୍ଦେଶକ ଅଗ୍ନିହୋତ୍ରୀ ବର୍ତ୍ତମାନ ଏକ ଖୋଲା ସାମ୍ବାଦିକ ସମ୍ମିଳନୀ ଆୟୋଜନ କରି ସମସ୍ତ ଅପ୍ରିୟ ଓ କଠିନ ପ୍ରଶ୍ନର ଉତ୍ତର ଦେବେ ବୋଲି ଘୋଷଣା କରିଛନ୍ତି। 'କଶ୍ମୀର ଫାଇଲ' ଚଳଚ୍ଚିତ୍ରର ନିର୍ମାତା ଓ ନିର୍ଦ୍ଦେଶକ ବିବେକ ଅଗ୍ନିହୋତ୍ରୀ ଅଭିଯୋଗ କରିଛନ୍ତି ଯେ ସେ ଭାରତୀୟ ପ୍ରେସ୍ କ୍ଲବ (ପିସିଆଇ) ଦ୍ୱାରା ଏକ ଘୃଣା ଅଭିଯାନର ଶିକାର ହୋଇଛନ୍ତି। ସେ ଅଭିଯୋଗ କରି କହିଛନ୍ତି, ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଭାବରେ, ଗତକାଲି ମୁଁ ପିସିଆଇ ସଭାପତିଙ୍କ ଠାରୁ ଏକ କଲ୍ ପାଇଲି ଯେ ସେଠାରେ ଆୟୋଜିତ ହେବାକୁ ଥିବା 'କଶ୍ମୀର ଫାଇଲ'ର ସ୍ପେଶାଲ ସ୍କ୍ରିନିଂ ଓ ମୋ ସାମ୍ବାଦିକ ସମ୍ମିଳନୀକୁ ବାତିଲ କରିବାକୁ ପଡିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସହୀଦ ପରିବାରଙ୍କୁ ...

କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟନାୟକ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଯୋଗ୍ୟ ଯେ ସମାରିକ ତଥା ଅର୍ଦ୍ଧ ସମାରିକ ବାହିନୀ ରେ ରହି ଦେଶ ପାଇଁ ପ୍ରଣାବଳୀ ଦେଉଥିବା ଯବାନ ଓ ଅଫିସର ମାନଙ୍କ ପରିବାରର କଲ୍ୟାଣ ପାଇଁ ରାଜ୍ୟ ସରକାର କାର୍ଗିଲ ଯୁଦ୍ଧ ସମୟରୁ ସହୀଦ ପରିବାର କଲ୍ୟାଣ ପାଇଁ ଏକ ସହାୟତା ପାଣ୍ଠି ଗଠନ କରିଛନ୍ତି। ପ୍ରାଥମିକ ଭାବରେ ଏହି ସହାୟତା ରାଶି ଏକ ଲକ୍ଷ ଟଙ୍କା ଥିବା ବେଳେ ୨୦୧୦ ଓ ୨୦୧୨ ରେ ଏହାକୁ ଯଥା କ୍ରମେ ଦୁଇ ଲକ୍ଷ, ଓ ପାଂଚ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଥିଲା ।

### ସମ୍ଭାବ୍ୟ ବାତ୍ୟା...

ଖାଲୁଆ ଅଞ୍ଚଳରୁ ବର୍ଷାପାଣି ନିଷ୍କାସନ ପାଇଁ ପ୍ରାୟ ୫୦୦ ଟି ଜେନ୍‌ସେଟ୍ ଓ ଡିଜି ସେଟ୍ ଅନ ହୁଇଲ ବାବସ୍ଥା କରାଯାଇଛି । ଆବଶ୍ୟକ ସ୍ଥଳେ ଅଧିକ ଜେନେରେଟର ବ୍ୟବସ୍ଥା କରିବାକୁ କୁହାଯାଇଛି । ଜେନେରେଟର ଓ ପାଣି ପମ୍ପ ଆଗୁଆ ନିର୍ଦ୍ଧାରିତ ସ୍ଥାନମାନଙ୍କରେ ରଖି ଆବଶ୍ୟକ ବେଳେ ତୁରନ୍ତ କାମରେ ଲାଗିପାରିବ ।

ସେହିପରି ବାତ୍ୟା ଆଶ୍ରୟସ୍ଥଳୀମାନଙ୍କରେ ଯେପରି ପିଇବା ପାଣିର କୌଣସି ପ୍ରକାର ଅସୁବିଧା ନହୁଏ , ସେଥି ପ୍ରତି ସତର୍କ ରହିବାକୁ କୁହାଯାଇଛି । ଏଥି ପାଇଁ ଆବଶ୍ୟ ସଂଖ୍ୟକ ସିନ୍ଟେକ୍ସ ଟାଙ୍କି ବାବସ୍ଥା କରି ପିଇବା ପାଣି ମହଜୁତ ରଖାଯିବ । ସହରାଚଂଳମାନଙ୍କରେ ଜିଲ୍ଲାପାଳ ମାନଙ୍କ ପରାମର୍ଶ କ୍ରମେ ଖାଦ୍ୟ ବ୍ୟବସ୍ଥା କରାଯିବ । ପୌରାଚଂଳମାନଙ୍କରେ ୨୪ ଘଂଟିଆ ୟୁନିଫାଏଡ୍ ନିୟନ୍ତ୍ରଣ କକ୍ଷଖୋଲିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ସହରଚଂଳର ଯେଉଁଠି ଜଳବନ୍ଦି ସମସ୍ୟା ରହିବ ସେହି ସବୁ ସ୍ଥାନଗୁଡିକୁ ଚିହ୍ନଟ କରି ବ୍ୟବସ୍ଥା ଗ୍ରହଣ ସହିତ ଆବଶ୍ୟକ ହେଲେ ପାୟାରବ୍ରିଗେଡ୍ ସାହାଯ୍ୟ ନେବାକୁ ପରାମର୍ଶ ଦିଆଯାଇଛି । ସେହିପରି ପ୍ରଭାବିତ ହେବାକୁ ଆଶଙ୍କା ଥିବା ୨୦୯ ଟି ବ୍ଲକ୍ ଅଂଚଳରେ ମଧ୍ୟ ଅନୁରୂପ ବ୍ୟବସ୍ଥା ମାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବାତ୍ୟା ଯୋଗୁ କୌଣସି ଯାଗାରେ ଯଦି ରାସ୍ତା ଆବରୋଧ ହୁଏ ତାକୁ ତୁରନ୍ତ ସଫା କରାଯିବ । ବର୍ଷାଜଳ ପରିମାଣ ମାପିବା ବା ରେନ୍‌ଗଜ୍ ଗୁଡିକୁ କାର୍ଯ୍ୟକ୍ଷମ ରଖିବାକୁ ମନ୍ତ୍ରୀ ଶ୍ରୀ ଜେନା ପରାମର୍ଶ ଦେଇଛନ୍ତି । ସମସ୍ତ ବାତ୍ୟା ଆଶ୍ରୟ ସ୍ଥଳିରେ ଲୋକଙ୍କ ରହିବା ପାଇଁ ଆବସ୍ୟକ ସୁବିଧା ସୁଯୋଗ ବ୍ୟବସ୍ଥା କରିବାକୁ , ପାନୀୟ ଜଳ ବ୍ୟବସ୍ଥା କରିବାକୁ ଓ ବର୍ଷା ପରବର୍ତି ସମୟରେ ନଳକୂପ ଓ ଅନ୍ୟାନ୍ୟ ପାନୀୟ ଜଳ ଉତ୍ସଗୁଡିକୁ ଯୁଦ୍ଧକାଳୀନ ଭିତିରେ ବିଶୋଧନ କରିବା , ତଳିଆ ଅଂଚଳମାନଙ୍କରୁ ଲୋକମାନଙ୍କୁ ବାତ୍ୟା ଆଶ୍ରୟ ସ୍ଥଳିକୁ ସ୍ଥାନାନ୍ତର କରିବା ଓ ସେମାନଙ୍କ ନିମନ୍ତେ ଖାଦ୍ୟ ପେୟ ବ୍ୟବସ୍ଥା କରାଯିବ । ବାତ୍ୟାପାଇଁ ଏହି ସବୁ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ଗୃହ ଓ ନଗର ଉନ୍ନୟନ ବିଭାଗ ତରଫରୁ ସମସ୍ତ ଜିଲ୍ଲାପାଳ , ପୌରନିର୍ବାହୀ ଅଧିକାରୀ ଏବଂ ପଚଂାୟତିରାଜ ବିଭାଗ ତରଫରୁ ସମସ୍ତ ଜିଲ୍ଲାପାଳ , ପିଡି,ଡିଆର୍‌ଡିଏ ଓ ଗୋଷ୍ଠୀଉନ୍ନୟନ ଅଧିକାରୀମାନଙ୍କୁ ନିର୍ଦ୍ଦେଶନାମା ପଠାଯାଇଛି । ତେବ ବିଭାଗ ତରଫରୁ ପରିସ୍ଥିତି ଉପରେ ସତର୍କ ଦୃଷ୍ଟି ରଖିବାକୁ ମନ୍ତ୍ରୀ ଶ୍ରୀ ଜେନା ନିର୍ଦ୍ଧଶ ଦେଇଛନ୍ତି । ଲୋକସେବା ଭବନସ୍ଥିତ ମନ୍ତ୍ରୀ ଶ୍ରୀ ଜେନାଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଉକ୍ତ ବୈଠକରେ ପୌରପ୍ରଶାସକ ସଂଗ୍ରାମଜିତ୍ ନାୟକ , ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ , ପଚଂାୟତିରାଜ ନିର୍ଦ୍ଦେଶକ ଗଣେଶ ଚନ୍ଦ୍ର ପାତ୍ର , ୱାଟ୍‌କୋ ସିଇଓ ପି.ସି.ସ୍ୱାଇଁ , ଇ.ଆଇ.ସି ଜନସ୍ୱାସ୍ଥ୍ୟ ରବିନ୍ଦ୍ର ନାଥ ନାୟକ , ନଗରଉନ୍ନୟନ ବିଭାଗ ଅତିରିକ୍ତ ଶାସନ ସଚିବ ପ୍ରଭାତ ମହାପାତ୍ର ଓ ଉପଶାସନ ସଚିବ ସନ୍ତୋଷ କୁମାର ଦାଶଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।



ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଓଡ଼ିଶା ସଚିବାଳୟ ସେବା ସଂଘର ନବ ନିର୍ବାଚିତ କର୍ମକର୍ତ୍ତାମାନେ ସାକ୍ଷାତ କରୁଛନ୍ତି ।

### ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ବିଧାନସଭା ବିଦ୍ୟୁତ ଓ ଶକ୍ତି ବିଭାଗ ଗୃହ କମିଟିର ପ୍ରଥମ ବୈଠକ

# ନୀରବଚ୍ଛିନ୍ନ ବିଦ୍ୟୁତ୍ ସେବା ପାଇବା ରାଜ୍ୟବାସୀଙ୍କ ଅଧିକାର: ଡଃ ସୂର୍ଯ୍ୟ



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ବିଧାନସଭା ବିଦ୍ୟୁତ ଓ ଶକ୍ତି ବିଭାଗ ଗୃହ କମିଟିର ପ୍ରଥମ ବୈଠକରେ ବାଚସ୍ପତି ଡଃ ସୂର୍ଯ୍ୟନାରାୟଣ ପାତ୍ର ଅଧ୍ୟକ୍ଷତା କରି ଗ୍ରାମାଂଚଳ ବିଦ୍ୟୁତ ସମସ୍ୟା ସୁଧାର ଉପରେ ଗୁରୁତ୍ୱାରୋପ କରିବା ସହିତ ବିଦ୍ୟୁତ ଉତ୍ପାଦନରେ ଓଡିଶା ଏକ ବଳକା ରାଜ୍ୟ ହୋଇଥିବାରୁ ରାଜ୍ୟବାସୀ ନିରବଚ୍ଛିନ ବିଦ୍ୟୁତସେବା ପାଇବା ତାଙ୍କର ନ୍ୟାର୍ଯ୍ୟ ଅଧିକାର ବୋଲି ସେ ପ୍ରକାଶ କରିଛନ୍ତି । ବିଗତ ଦିନମାନଙ୍କରେ ବିଭାଗ କ୍ଷତି କରୁଥିଲା । କିନ୍ତୁ ଏ ବର୍ଷ ଦକ୍ଷିଣ ଓଡ଼ିଶା ସମେତ ସବୁ ଅଂଚଳରେ ଲାଭ ହୋଇଛି । ତେଣୁ ଆଗାମୀ ଦିନରେ ବିଦ୍ୟୁତ୍ ଦେୟ ନିଶ୍ଚିତ ଭାବରେ କମିବ ଏବଂ ରାଜ୍ୟବାସୀ ଉପକୃତ ହେବେ । ସଂପ୍ରତି ୩୩/୧୧ କେଭି କ୍ଷମତାସଂପନ୍ନ ସବ୍‌ଷ୍ଟେସନଗୁଡିକର କେନ୍ଦ୍ରୀୟ ତଦାରଖ କରାଯାଉଛି । ତା'ଠାରୁ କମ ଶକ୍ତିସମ୍ପନ୍ନ ସବ୍‌ଷ୍ଟେସନଗୁଡ଼ିକୁ କେନ୍ଦ୍ରୀୟ ତଦାରଖ କରାଯାଇପାରିଲେ ଗ୍ରାମାଂଚଳ ବିଦ୍ୟୁତ ସମସ୍ୟାର ଆଶୁ ସମାଧାନ କରାଯାଇପାରିବ । ଏ ଦିଗରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ବାଚସ୍ପତି ଡଃ ପାତ୍ର ନିର୍ଦ୍ଦେଶ ଦେଇଛନ୍ତି । ଶକ୍ତି ଉତ୍ପାଦନ, ବଂଟନ, ଉନ୍ନତିକରଣ ଓ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବା ପାଇଁ ପୂର୍ବତଟ ୪ଟି ସବ୍‌କମିଟି ତୁରନ୍ତ ଗଠନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି । ବାରମ୍ବାର ବିଜୁଳି କାଟ, ଲୋ-ଭୋଲଟେଜ୍, ଗ୍ରାମାଂଚଳରେ ଟ୍ରାନ୍ସଫର୍ମର, ସ୍ଥାପନା ଓ ବିଜୁଳିବତି ସମସ୍ୟା ଉପରେ ସଦସ୍ୟମାନେ ବୈଠକରେ ବିସ୍ତୃତ ଆଲୋଚନା କରିଥିଲେ । ରାଜ୍ୟବାସୀଙ୍କ ସହଯୋଗ ଫଳରେ ବିଭାଗ କ୍ଷତିରୁ ଲାଭକୁ ଆସିପାରିଛି ଏବଂ ବିଦ୍ୟୁତ ଓ ଶକ୍ତି କ୍ଷେତ୍ରରେ ଆଖିଦୃଶିଆ ସ୍ଥିରତା ଆସିଛି, ଦୁର୍ଘଟଣା କମିଛି, କର୍ମନିଯୁକ୍ତି ବଢିଛି, ଏହାର ପ୍ରଶଂସା କରାଯିବା ଉଚିତ । ଏହା ଦ୍ୱାରା କର୍ମଚାରୀ ଏବଂ ସଂସ୍ଥାନ କାର୍ଯ୍ୟକାରିତା ବୃଦ୍ଧିପାଇବ ବୋଲି ଶକ୍ତି, ଶିଳ୍ପ , ଏମ୍‌ଏସ୍‌ଏମ୍‌ଇ, ଗୃହ(ରାଷ୍ଟ୍ର) ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର କହିଛନ୍ତି । ଅନେକ ସମୟରେ ବିଦ୍ୟୁତ ଯୋଗାଣାକୁ ନେଇ ବିଦ୍ୟୁତ ପ୍ରଦାନକାରୀ ସଂସ୍ଥା ମଧ୍ୟରେ ଅସମ୍ମତି ଦେଖାଯାଉଛି । ଏହି ସମସ୍ୟାର ସମାଧାନ ପାଇଁ ଆବଶ୍ୟକୀୟ ଦସ୍ତାବିଜ୍ ସହିତ ବିଦ୍ୟୁତ ଓ ଶକ୍ତି ବିଭାଗ ଉପକମିଟି ନିକଟରେ ଉପସ୍ଥାପନା କରିବାକୁ ବରିଷ୍ଠ ବିଧାୟକ ତଥା ବିରୋଧୀ ଦଳର ନେତା ନରସିଂହ ମିଶ୍ର ପରାମର୍ଶ ଦେଇଛନ୍ତି । ଏହା ସହିତ ବିଜୁଳି କାଟ ସମ୍ବନ୍ଧୀୟ ସଠିକ୍ ଓ ସବିଶେଷ ତଥ୍ୟ ଉପକମିଟିକୁ ପ୍ରଦାନ କରିବା ପାଇଁ ପରାମର୍ଶ ଦେଇଛନ୍ତି ।

### ମୋ ବସ୍ ସେବା ସମ୍ପର୍କରେ ସମୀକ୍ଷା

# ଖୁବ୍‌ଶୀଘ୍ର ସାମିଲ ହେବ ଇ- ବସ୍ : ପ୍ରତାପ



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ରାଜ୍ୟରେ "ମୋ ବସ" ସେବା , କ୍ରୁଟ୍ ସଂପର୍କରେ ଗୃହ ଓ ନଗରଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ସମୀକ୍ଷା କରିଛନ୍ତି । ରାଜ୍ୟ ରାଜଧାନୀରେ ପରିବହନ କ୍ଷେତ୍ରରେ କ୍ରୁଟ୍, "ମୋ ବସ୍" ସେବା ଆଜି ଏକ ଅତ୍ୟାଧୁନିକ ଆରାମ ଦାୟକ ଜନସାଧାରଣ ପରିବହନ ବ୍ୟବସ୍ଥା ଭାବେ ଉଭା ହୋଇଛି । ସହରୀ ଯାତାୟତ ସେବାରେ ସଂସ୍କାର ଆଣିବାର ଆଦର୍ଶ ଭାବେ ଜାତୀୟ ସ୍ତରରେ ଏକ ମଡେଲ । ବର୍ତ୍ତମାନ ୩୨ ଟି ରୁଟ୍‌ରେ ଚଳାଚଳ କରୁଥିବା ୨୨୫ ଟି ବସ୍‌ରେ ଭୁବନେଶ୍ୱର, କଟକ, ଖୋର୍ଦ୍ଧା, ପିପିଲି, କୋଣାର୍କ ଓ ପୁରୀ ଭଳି ସହର ଦୈନିକ ହାରାହାରି ୧.୫ ଲକ୍ଷ ଯାତ୍ରୀ ଯାତାୟତ କରୁଛନ୍ତି । ଏହି ସବୁ ବସ୍ ଗୁଡିକ ସୁ-ବ୍ୟବସ୍ଥିତ ପରିଚାଳନା ବ୍ୟବସ୍ଥା ମାଧ୍ୟମରେ ପରିଚାଳିତ ହେଉଛି । ତେବେ ପରିବର୍ତ୍ତିତ ପରିସ୍ଥିତିରେ ଏଥିରେ ଖୁବ୍ ଶୀଘ୍ର ବ୍ୟାଟେରୀ ଚାଳିତ ବା ଇ-ବସ୍ ସାମିଲ କରିବାକୁ ମନ୍ତ୍ରୀ ଶ୍ରୀ ଜେନା ପରାମର୍ଶ ଦେଇଛନ୍ତି । ସମୀକ୍ଷା ବିବରଣୀରୁ ପ୍ରକାଶ ଯେ ୨୦୧୯ ମସିହାରୁ ପ୍ରତି ବର୍ଷ ଦୈନିକ ଯାତ୍ରୀ ପରିବହନ ସଂଖ୍ୟା ବୃଦ୍ଧି ପାଇ ଚାଲିଥିବା ବେଳେ ରାଜସ୍ୱ ମଧ୍ୟ ବୃଦ୍ଧି ପାଇଛି । ଇତି ମଧ୍ୟରେ ଯାତ୍ରୀମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଇ-ରିକ୍ସା ସେବା ଆରମ୍ଭ କରାଯାଇଛି । ଏହା ମାଧ୍ୟମରେ ଲୋକମାନେ ମୋ ବସ୍ ଷ୍ଟାଣ୍ଡ ପର୍ଯ୍ୟନ୍ତ ଆସି ବସ୍ ଧରି ନିଜ ଗନ୍ତବ୍ୟ ସ୍ଥଳିକୁ ଯାଇ ପାରିବେ । ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ୨୦୦ ଯାତ୍ରୀ ଅପେକ୍ଷା ପାଇଁ ଆଶ୍ରୟ ସ୍ଥଳ ନିର୍ମାଣ କରାଯାଇଛି । ପଟିଆ ଓ ଭଗବାନପୁରରେ ଅତ୍ୟାଧୁନିକ ବସ୍ ଡିପୋ ନିର୍ମିତ ହୋଇଥିବା ବେଳେ ଗାଡକଣ, ପୋଖରିପୁଟ ଓ ନରାଜ ଠାରେ ଡିପୋ କମ୍ ଅଫିସ ନିର୍ମାଣ କାର୍ଯ୍ୟ ଚଳିଛି । କ୍ୟାପିଟାଲ ରିଜିଅନର ବିଭିନ୍ନ ଅଭ୍ୟନ୍ତରରେ ସେବା ପ୍ରଦାନ ପାଇଁ ପ୍ରାୟ ୧୦୦ ମିନି ବସ୍ ଚଳାଚଳ କରାଯିବା ପାଇଁ ଲକ୍ଷ୍ୟ ରଖା ଯାଇଛି । ମୋ ବସ୍ ସେବା ୨୦୧୯ ରୁ ୨୦୨୧ ମଧ୍ୟରେ ଜାତୀୟ ସ୍ତରରେ ଏବଂ କେନ୍ଦ୍ର ଗୃହ ଓ ନଗର ଉନ୍ନୟନ ମନ୍ତ୍ରଣାଳୟ ତରଫରୁ ୭ ଟି ପୁରସ୍କାର ପାଇ ପାରିଛି । ଆଗାମୀ ଦିରେ କିପରି ଏହାକୁ ଆହୁରି ଅଧିକ ବ୍ୟାପକ ଓ ସୁଦୃଢ କରାଯାଇ ପାରିବ ସେ ନେଇ ଉଦ୍ୟମ କରିବାକୁ ମନ୍ତ୍ରୀ ଶ୍ରୀ ଜେନା ପରାମର୍ଶ ଦେଇଛନ୍ତି ।

### ରାଜ୍ୟର ସାଂସ୍କୃତିକ ଦଳଙ୍କ ପାଇଁ କମ୍ପ୍ୟୁଟରୀକରଣ ପରିଚାଳନା ବ୍ୟବସ୍ଥାର ଶୁଭାରମ୍ଭ

# ପ୍ରଯୁକ୍ତିବିଦ୍ୟା ବ୍ୟବସ୍ଥା ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବ : ଜ୍ୟୋତିପ୍ରକାଶ




ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ପର୍ଯ୍ୟଟନ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ସଂସ୍କୃତି ଭବନରେ କମ୍ପ୍ୟୁଟରୀକରଣ ପରିଚାଳନା ବ୍ୟବସ୍ଥାର ଶୁଭାରମ୍ଭ କରି କହିଛନ୍ତି ଯେ କଳାକାର ଓ ସାଂସ୍କୃତିକ ଦଳମାନଙ୍କର ବହୁଦିନର ଆକାଂକ୍ଷା ଆଜି ପୂର୍ଣ୍ଣ ହୋଇଛି । କଳାକାର ଓ ସାଂସ୍କୃତିକ ଦଳମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ଓଡ଼ିଶା ସରକାର ଓ ବିଭାଗ ସବୁବେଳେ ଚେଷ୍ଟା କରିଆସିଛି । ତା'ର ସଦ୍ୟତମ ପ୍ରମାଣ ହେଉଛି ଏହି ବ୍ୟବସ୍ଥାର ଶୁଭାରମ୍ଭ । ପ୍ରଯୁକ୍ତିବିଦ୍ୟା ପ୍ରସୂତ ଏହି ବ୍ୟବସ୍ଥା ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବ । ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ସାଂସ୍କୃତିକ ଦଳମାନ୍‌ଙ୍କର ବିବିଧ କାର୍ଯ୍ୟଗୁଡ଼ିକୁ ସହଜ ଓ ସୁବିଧାରେ କରିବା ପାଇଁ ସିଟିଏମ୍‌ଏସ୍ ଆପ୍ଲିକେସନ ପ୍ରସ୍ତୁତ କରାଯାଇଛି । ଏହା ଦ୍ୱାରା ଶେଷ ସମୟରେ ଉପୁଜିଥିବା ଅସୁବିଧାଗୁଡ଼ିକୁ ଏଡାଇ ଦିଆଯିବା ସହିତ ସମସ୍ତଙ୍କୁ କଳା ପରିବେଷଣ କରିବାକୁ ସମାନ ସୁଯୋଗ ମିଳିପାରିବ ବୋଲି ମନ୍ତ୍ରୀ ଶ୍ରୀ ପାଣୀଗ୍ରାହୀ ଉଲ୍ଲେଖ କରିଛନ୍ତି । ଅନୁଷ୍ଠାନମାନଙ୍କ ଅନୁରୋଧ ଆଧାରରେ ବିଭିନ୍ନ ପର୍ବୋତ୍ସବମାନଙ୍କର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ ନିମନ୍ତେ ବିଭାଗ ତରଫରୁ ସେମାନ୍‌ଙ୍କୁ ପ୍ରେରଣ କରାଯାଇଥାଏ । ଏହି ପ୍ରକ୍ରିୟାକୁ ସହଜ, ସୁଗମ୍ୟ ତଥା ତ୍ୱରାନ୍ୱିତ କରିବାକୁ ବିଭାଗ ପକ୍ଷରୁ ଏକ ୱେବସାଇଟ୍ ପ୍ରସ୍ତୁତ କରାଯାଇଛି । ଏହି ପ୍ରକ୍ରିୟାରେ ସାମିଲ ହେବା ପାଇଁ ଅନୁଷ୍ଠାନମାନେ ଆସନ୍ତା ଜୁନ୍ ୧୫, ୨୦୨୨ ସୁଦ୍ଧା ଆବଶ୍ୟକୀୟ ସୂଚନା ସହ ctsm-ollc.in ମାଧ୍ୟମରେ ନିଜକୁ ପଞ୍ଜୀକୃତ ପରିନେବା ପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢୀ ଅନୁରୋଧ କରିଛନ୍ତି । କଳା, ସଂସ୍କୃତି ଓ ପରମ୍ପରା ଗୋଟିଏ ଜାତିର ପରିଚୟ କହିଲେ ଅତ୍ୟୁକ୍ତି ହେବ ନାହିଁ ।

# ଚିଲିକାରେ ପର୍ଯ୍ୟଟନ ବିକାଶ ନିମନ୍ତେ ମାଷ୍ଟର-ପ୍ଲାନ୍ ପ୍ରସ୍ତୁତି ପାଇଁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ




ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ବ୍ୟବସାୟ ଅନୁକୂଳ ବାତାବରଣ, ପ୍ରଗତିଶୀଳ ଶିଳ୍ପ ନୀତି ଓ ସ୍ୱଚ୍ଛ ପ୍ରଶାସନିକ ବ୍ୟବସ୍ଥା ଯୋଗୁ ଓଡ଼ିଶା ନୂଆ ପୁଞ୍ଜିନିବେଶ ପ୍ରସ୍ତାବ ଆକର୍ଷିତ କରିବାରେ ଆଗୁଆ ରାଜ୍ୟ ହୋଇ ରହିଛି । ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ ଏକକ ବାତାୟନ(ସିଙ୍ଗିଲ୍ ୱିଣ୍ଡୋ) କମିଟି ବୈଠକରେ ୬ ଟି ନୂତନ ପୁଞ୍ଜିନିବେଶ ପ୍ରକଳ୍ପକୁ ନିତୀଗତ ଅନୁମୋଦନ ଦିଆଯାଇଛି । ଏହି ସବୁ ପ୍ରକଳ୍ପ ମାଧ୍ୟମରେ ୪୯୩.୬୨ କୋଟି ଟଙ୍କାର ନୂଆ ପୁଞ୍ଜିନିବେଶ ହେବା ସହ ୧,୩୧୭ ଜଣଙ୍କ ନିମନ୍ତେ ନିଯୁକ୍ତି ସୁଯୋଗ ସୃଷ୍ଟିହେବ । ରାଜ୍ୟ ଲୋକସେବା ଭବନରୁ ଡ଼ିଜିଟାଲ ମୋଡ୍ ରେ ଅନୁଷ୍ଠିତ ଏହି ବୈଠକରେ ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ହେମନ୍ତ କୁମାର ଶର୍ମା ପ୍ରକଳ୍ପ ଗୁଡ଼ିକର ବୈଷୟିକ, ଆର୍ଥିକ ଏବଂ ଭିତ୍ତିଭୂମି ସଂପର୍କିତ ବିଷୟ ଉପସ୍ଥାପନ ପୂର୍ବକ କହିଥିଲେ ଯେ ପ୍ରକଳ୍ପ ଗୁଡ଼ିକ ମୁଖ୍ୟତଃ ପର୍ଯ୍ୟଟନ, ଖାଦ୍ୟ ପ୍ରକ୍ରିୟାକରଣ, ଷ୍ଟିଲ୍ ଡ଼ାଉନଷ୍ଟ୍ରିମ୍ ଏବଂ ମାନୁଫାକ୍‌ଚ୍‌ରିଂ ସେକ୍ଟର ଅନ୍ତର୍ଭୁକ୍ତ । ଏସବୁ ପ୍ରକଳ୍ପ ରାଜ୍ୟର ବିଭିନ୍ନ ଅଂଚ୍‌ଳରେ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ ଆର୍ଥିକ କାର୍ଯ୍ୟକଳାପ ବୃଦ୍ଧିରେ ସହାୟକ ହେବ ।

ପ୍ରକଳ୍ପ ଗୁଡ଼ିକୁ ନୀତିଗତ ଅନୁମୋଦନ ଦେଇ ସେଗୁଡ଼ିକର ତ୍ୱରିତ କ୍ଷେତ୍ରାନ୍ୱୟନ ଉପରେ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ଗୁରୁତ୍ୱ ଆରୋପ କରିଥିଲେ । ଏଥି ପାଇଁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବା ପାଇଁ ଶ୍ରୀ ମହାପାତ୍ର ସଂପୃକ୍ତ ବିଭାଗମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

# ଶୁଷ୍କ ବର୍ଜ୍ୟବସ୍ତୁ ପରିଚ୍ଛାଳନାକୁ ମଜବୁତ ପାଇଁ ୟୁଏନ୍‌ଡିପି ସହିତ ନଗର ଉନ୍ନୟନ ବିଭାଗର ଚୁକ୍ତିନାମା ସ୍ୱାକ୍ଷରିତ




ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ଗୃହ ଓ ନଗର ଉନ୍ନୟନ ବିଭାଗ, ଓଡିଶା ସରକାର ମିଳିତ ଜାତିସଂଘର ବିକାଶ କାର୍ଯ୍ୟକ୍ରମ (ୟୁଏନଡିପି) ସହିତ ଓଡିଶା ରାଜ୍ୟରେ ସ୍ଥାୟୀ ଏବଂ ଅନ୍ତର୍ଭୂକ୍ତ ଶୁଷ୍କ ବର୍ଜ୍ୟବସ୍ତୁ ପରିଚ୍ଛାଳନାକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି ।

ମୁଖ୍ୟ ଶାସନ ସଚ୍ଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଉପସ୍ଥିତିରେ ଗୃହ ଓ ନଗର ଉନ୍ନୟନ ବିଭାଗ, ମୁଖ୍ୟ ଶାସନ ସଚ୍ଚିବ ଶ୍ରୀ ଜି ମାଥିଭଥନନଙ୍କ ଏକ ଭର୍ଚୁଆଲ୍ କାର୍ଯ୍ୟକ୍ରମ ମାଧ୍ୟମରେ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ଏହି କାର୍ଯ୍ୟକ୍ରମରେ ମ୍ୟୁନିସିପାଲିଟି ଆଡମିନିଷ୍ଟ୍ରେସନ ତଥା ମିଶନ ନିର୍ଦ୍ଦେଶକ ଶ୍ରୀ ସଂଗ୍ରାମଜିତ୍ ନାୟକ, ସ୍ୱଚ୍ଛ ଭାରତ ମିଶନ (ସହରୀ) ଏବଂ ୟୁଏନଡିପିର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଚ୍ଛାରିବର୍ଷର ଏହି ସହଯୋଗରେ, ୟୁଏନଡିପି ସମ୍ପଦ କେନ୍ଦ୍ର ପାଇଁ ସହଯୋଗ କରିବା ଏବଂ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ସହିତ ପୁନଃ ବ୍ୟବହାର ଯୋଗ୍ୟ ଶୃଙ୍ଖଳା ବର୍ଜ୍ୟବସ୍ତୁରେ ମୂଲ୍ୟ ଯୋଗାଇବା ପାଇଁ ଘରୋଇ ନିବେଶ ସହିତ ଡାଉନଷ୍ଟ୍ରିମ୍ ସୁବିଧା ସ୍ଥାପନ କରିବାରେ ଓଡିଶା ସରକାରଙ୍କ ବୈଷୟିକ ଭାଗିଦାରୀ ହେବ । ସହଭାଗୀତା ମଧ୍ୟ ଉନ୍ନତ କାର୍ଯ୍ୟ ଅବସ୍ଥା, ଉନ୍ନତ ପ୍ରୋତ୍ସାହନ ଏବଂ ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନାରେ ସୁନିଶ୍ଚିତ କରିବା ପାଇଁ ଶୃଙ୍ଖଳା ବର୍ଜ୍ୟବସ୍ତୁ ପରିଚ୍ଛାଳନା ସହିତ ଜଡିତ କମ୍ୟୁନିଟି ପାର୍ଟନରଙ୍କ ଡିଜିଟାଲ କୌଶଳ ସହିତ ପ୍ରୋତ୍ସାହନ, ଦକ୍ଷତା ବୃଦ୍ଧି ଏବଂ ଦକ୍ଷତା ବୃଦ୍ଧି ପାଇଁ ଇଚ୍ଛା କରେ । ଏହା ବୃତ୍ତାକାର ଅର୍ଥନୀତିକୁ ସୁନିଶ୍ଚିତ କରିବ ଏବଂ ବର୍ଜ୍ୟବସ୍ତୁ ଚ୍ଛୟନକାରୀ ଏବଂ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ଅତିରିକ୍ତ ଜୀବିକା ସୁଯୋଗ ସୃଷ୍ଟି କରିବ । ଏହା ସହରାଞ୍ଚଳରେ ଶୃଙ୍ଖଳା ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣର ସଂଗ୍ରହ ଦକ୍ଷତାକୁ ମଧ୍ୟ ଉନ୍ନତ କରିବ ଏବଂ ବର୍ଜ୍ୟବସ୍ତୁରୁ ଉତ୍ପାଦନକୁ ଉନ୍ନତ କରିବ ।

# ସମ୍ଭାବ୍ୟ ବାତ୍ୟା ମୁକାବିଲା

## ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲିବାକୁ ନିର୍ଦ୍ଦେଶ ଦେଲେ ଅତିରିକ୍ତ ମୁଖ୍ୟ ଶାସନ ସଚିବ



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ):ଦକ୍ଷିଣ ଆଣ୍ଡାମାନ ସାଗର ଓ ଏହାର ଆଖପାଖ ଅଂଚ୍‌ଳରେ ସୃଷ୍ଟି ହେବାକୁ ଥିବା ଘୂର୍ଣ୍ଣିବଳୟ 'ଆସାନି' ଫଳରେ ରାଜ୍ୟର ଉପକୂଳ ଅଂଚ୍‌ଳରେ ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟ ଜଳସଂପଦ ବିଭାଗ ତରଫରୁ ଏକ ପ୍ରସ୍ତୁତି ବୈଠକ ଅତିରିକ୍ତ ମୁଖ୍ୟ ଶାସନ ସଚ୍ଚିବ , ଜଳ ସଂପଦ ବିଭାଗ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ ସମେତ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ ।

ବୈଠକରେ ସମ୍ଭାବ୍ୟ ବାତ୍ୟା ପରିପ୍ରେକ୍ଷୀରେ ଜଳସଂପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଛି । ଦାୟିତ୍ୱ ସଂପନ୍ନନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରା ଏହା ପରିଚ୍ଛାଳିତ ହେବ । ସମ୍ଭାବ୍ୟ ବାତ୍ୟା ପାଇଁ ସବୁ ପ୍ରକାର ପ୍ରସ୍ତୁତିରେ ରହିବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚ୍ଚିବ ଶ୍ରୀମତୀ ଗର୍ଗ ସମସ୍ତ କ୍ଷେତ୍ରସ୍ତରୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ବାଣୀବିହାର ୟୁନିଭରସିଟି ହାଇସ୍କୁଲଟି ବିଶ୍ୱର ସର୍ବଶ୍ରେଷ୍ଠ ହାଇସ୍କୁଲର ପରିଚ୍ଛିତ ହାସଲ କରିପାରିବ : ପ୍ରମୁଖ ଶାସନ ସଚିବ




ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ୫ ଟି ଉପକ୍ରମ ଆଧାରରେ ଓଡିଶାରେ ସ୍କୁଲଗୁଡ଼ିକର ଉଲ୍ଲେଖନୀୟ ରୂପାନ୍ତରଣ କାର୍ଯ୍ୟକ୍ରମ ସଫଳତାର ସହ ଆଗେଇଚ୍ଛାଲିଛି । ଏଥି ନିମନ୍ତେ ସ୍କୁଲଗୁଡ଼ିକର ପୁରାତନ ଛାତ୍ରସଂଘ ବେଶ୍ ଅଣ୍ଟା ଭିଡ଼ିଛି । ରାଜ୍ୟ ସରକାର ମଧ୍ୟ ସମାନ ଅନୁପାତର ଅର୍ଥରାଶି ପ୍ରଦାନ କରୁଛନ୍ତି ।ଏହି କ୍ରମରେ ବାଣୀବିହାର ୟୁନିଭରସିଟି ହାଇସ୍କୁଲ୍ ର ପୁରାତନ ଛାତ୍ରସଂଘ ସାଧ୍ୟମତେ ନିଜର ପ୍ରଚେଷ୍ଟା ଜାରି ରଖିଛି । ଆଜି ଉକ୍ତ ହାଇସ୍କୁଲ ପରିସରରେ ' ଆକାଂକ୍ଷା, ଦି ଫୋରମ ' ବହୁମୁଖୀ ସୌଧ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ମୋ ସ୍କୁଲର ଅଧ୍ୟକ୍ଷା ଶ୍ରୀମତୀ ସୁସ୍ମିତା ବାଗଚ୍ଚୀ ।ଉକ୍ତ କାର୍ଯ୍ୟକ୍ରମ ନିମନ୍ତେ ଆୟୋଜିତ ସମାରୋହରେ ଯୋଗଦେଇ ଶ୍ରୀମତୀ ବାଗଚ୍ଚୀ ଏହି ଆକାଂକ୍ଷା ଫୋରମ ବର୍ତ୍ତମାନ ଓ ଭବିଷ୍ୟତର ଛାତ୍ରଛାତ୍ରୀଙ୍କ ଉଭୟ ଗୁଣାତ୍ମକ ଶିକ୍ଷା ତଥା ବୌଦ୍ଧିକ ବିକାଶ ଓ ଶାରୀରିକ ବ୍ୟାୟାମ ସହ କୌଶଳ ବିକାଶ ଦିଗରେ ବିଶେଷ ସହାୟକ ହୋଇପାରିବ ବୋଲି ସୂଚ୍ଛନା ଦେଇଥିଲେ । ଜଣେ ସୁସାହିତ୍ୟିକା ଭାବେ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିବା ଶ୍ରୀମତୀ ବାଗଚ୍ଚୀ ଏହି ଫୋରମ ସହ ଭିତ୍ତିଭୂମିକ ବିକାଶ ନିମନ୍ତେ ମୋ ସ୍କୁଲ କାର୍ଯ୍ୟକ୍ରମ ଦ୍ୱାରା ରୂପାନ୍ତରିତ ସ୍କୁଲଗୁଡ଼ିକ ମଧ୍ୟରେ ବାଣୀବିହାର ୟୁନିଭରସିଟ ହାଇସ୍କୁଲ ଏକ ମଡେଲ ସ୍କୁଲ ରୂପେ ପରିଗଣିତ ହେବା ସହ ଆଗାମୀ ପିଢ଼ିକୁ ଦିଗଦର୍ଶନ ଦେବ ବୋଲି କହିଥିଲେ । ମୁଖ୍ୟଅତିଥି ଭାବେ ଯୋଗ ଦେଇ ସୂଚ୍ଛନା ଓ ଲୋକସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚ୍ଚିବ ଶ୍ରୀବିଷ୍ଣୁପଦ ସେଠୀ କହିଥିଲେ ଯେ, ଏପରି ଅଦମ୍ୟ ଉତ୍ସାହ ଓ ଉଚ୍ଚତର ଲକ୍ଷ୍ୟ ବଳରେ ଏହି ହାଇସ୍କୁଲଟି ବିଶ୍ୱର ସର୍ବଶ୍ରେଷ୍ଠ ହାଇସ୍କୁଲର ପରିଚ୍ଛିତ ହାସଲ କରିପାରିବ । ଉକ୍ତ ହାଇସ୍କୁଲର ମେଣ୍ଟର ତଥା ଓଡିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷର ଚେୟାରମ୍ୟାନ ଶ୍ରୀସୁବ୍ରତ ବାଗଚ୍ଚୀ ଏହି ହାଇସ୍କୁଲର ପୁରାତନ ଛାତ୍ର ହିସାବରେ ଉକ୍ତ ହାଇସ୍କୁଲକୁ ନିଜର ଦ୍ୱିତୀୟ ଜନ୍ମଦାତ୍ରୀ ରୂପେ ଅଭିହିତ କରି ' ଆକାଂକ୍ଷା ' ଫୋରମ ଆଗାମୀ ଦିନରେ ବିଦ୍ୟାର୍ଥୀମାନଙ୍କ ଆଶା ଓ ଆକାଂକ୍ଷା ପୂରଣ ସହ ଦକ୍ଷ ପ୍ରଶାସକ ଓ ଉଚ୍ଚ୍‌କୋଟୀର ବ୍ୟକ୍ତିତ୍ୱ ଗଠନ ଦିଗରେ ସହାୟକ ହେବ ।

Printed, Published , Owned by Puspanjali Das and Printed by her at Mayur Offset Printers, D1/1 Mancheswar Industrial Estate, Bhubaneswar,751010 and Published at EB-672, Badagada Brit Colony, Bhubaneswar - 751018, Dist - Khurda, Odisha, **City Office:** 3R-5(F), Paradip Colony, Unit-8, Bhubaneswar-751012,Ph - 0674-2564429, 8895182352(M), 6370382637, e-mail : odishasandesh.news@gmail.com

ସମ୍ପାଦକ: ଅଜୟ ଦାସ

Editor :Ajay Das